**ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ**

କୁଚିଣ୍ଡା,(ଡି.ଏନ.ଏ.)- କୁଚିଣ୍ଡା ଥାନା କିଣ୍ଡିରା ଛକ ନିକଟ କୁରକୁରିପଡା ବୁଲାଣିରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ୍ ଧକ୍କାରେ ସାତକମା ବିଜାଡିହି ଗ୍ରାମର ବେଣୁଧର ଡିଲା(୪୫)ଙ୍କ ମୃତ୍ୟୁ ଘଟିଛି। ବେଣୁଧର କିଣ୍ଡିରା ସାପ୍ତାହିକ ହାଟରୁ ସଉଦା କିଣି ସାଇକେଲରେ ଘରକୁ ଫେରୁଥିଲେ। କୁରକୁରିପଡା ବୁଲାଣିରେ ବାଇକରେ ଖଣ୍ଡାକଟା ଯାଉଥିବା କୁଟୁରାଚୁଆଁ ଗ୍ରାମର ରାଜେନ୍ଦ୍ର ସୁନାନୀ(୨୭) ଓ ତାଙ୍କ ମାଆ ଅମ୍ବିକା ସୁନାନୀ(୫୬)ବେଣୁଧରଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲେ। ବେଣୁଧରଙ୍କୁ ରକ୍ତ ଜୁବୁଚୁବୁ ଅବସ୍ଥାରେ କୁଚିଣ୍ଡା ମେଡିକାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମାଛ ଧରୁଥିବାବେଳେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ଝାରସୁଗୁଡ଼ା ଅଫିସ,୧୨।୭: ହୀରାକୁଦ ଜଳଭଣ୍ଡାରରୁ ମାଛ ଧରୁଥିବାବେଳେ ଜଣେ ମତ୍ସ୍ୟଜୀବୀ ମଙ୍ଗଳବାର ଡଙ୍ଗାରୁ ଖସିପଡି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଲଖନପୁର ଥାନା ବଲଣ୍ଡା ଗ୍ରାମର ପ୍ରଫୁଲ୍ଲ ମାଝି(୩୬)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ପଠାଇଛି। ଏ ନେଇ ପୋଲିସ ଲଖନପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୧୨/୨୨) ରୁଜୁ ହୋଇଛି। ସୂଚନା ଅନୁସାରେ ପ୍ରଫୁଲ୍ଲ ଓ ଗଜରାଜ ଘୁସି ଭୋର ସାଢେ ୪ଟାରେ ଡଙ୍ଗାଧରି ହୀରାକୁଦ ଜଳଭଣ୍ଡାରକୁ ମାଛ ମାରିବା ପାଇଁ ଯାଇଥିଲେ। ମାଛ ଧରୁଥିବାବେଳେ ହଠାତ୍ ପ୍ରଫୁଲ୍ଲ ଡଙ୍ଗାରୁ ପାଣି ଭିତରକୁ ଖସିପଡିଥିଲେ। ଡଙ୍ଗାରେ ଥିବା ଗଜରାଜ ଅନ୍ୟ ମତ୍ସ୍ୟଜୀବୀଙ୍କ ସହାୟତାରେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ବେଲପାହାଡ ଟାଟା କ୍ରୋସାକୀ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ଦେଖି ତାଙ୍କୁ ମୃତ ଘୋଷଣ କରିଥିଲେ। ଘରେ ତାଙ୍କର ବୃଦ୍ଧ ମାଆ, ଭଉଣୀ, ସ୍ତ୍ରୀ ଓ ଏକମାତ୍ର ପୁଅ ରହିଛନ୍ତି। ପ୍ରଫୁଲ୍ଲଙ୍କ ଦେହାନ୍ତ ପରେ ପରିବାର ଭାଙ୍ଗିପଡିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଦେବାକୁ ସ୍ଥାନୀୟ ସରପଞ୍ଚ ଦାବି କରିଛନ୍ତି।

### ଲୁଟ୍ ଟ୍ରକ୍ ସହ ୯୩୧ପେଟି ମଦ ଜବତ: ୩ ଗିରଫ

ରେଢ଼ାଖୋଲ,୧୨।୭(ଡି.ଏନ.ଏ.): ଗତ ୨୯ ତାରିଖ ରାତିରେ ୫୫ନଂ. ଜାତୀୟ ରାଜପଥର ଚାରମାଲ ଥାନା ମୋଚିବାହାଲ ନିକଟରୁ ଏକ ବିଦେଶୀ ମଦ ବୋଝେଇ ଟ୍ରକ୍ ଲୁଟ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ଲୁଟ ଟ୍ରକ୍ ଓ ୯୩୧ ପେଟି ବିଦେଶି ମଦ, ଡକାୟତିରେ ବ୍ୟବହୃତ କାର୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଉଦୟପୁରର ଅଶ୍ୱିନୀ ବର୍ଗୀ (୩୦), ଅନୁଗୋଳ ଜିଲା କିଆକଟା ଥାନା ଶିଆବେରୁଣି ଗ୍ରାମର ବିଭୁରେନ୍ଦ୍ର ମଲ୍ଲିକ(୨୬) ଓ ସୋନପୁର ଜିଲା ବିନିକା ଥାନା ବିଶାଲପାଲିର ଡୋଲାମଣି ସଲମା(୩୩)। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ସୂଚନା ଦେଇ କହିଛନ୍ତି, ଗତ ୨୮ ତାରିଖରେ ପୁରୀ ଜିଲା ନିମାପଡା ଥାନା ଏକାମକଣାରୁ ଟ୍ରକ (ନଂଓଆର୦୫ଡବ୍ଲ୍ୟୁ-୭୭୭୯) ଯୋଗେ ୯୫୦ ପେଟି ବିଦେଶୀମଦ ବୋଝେଇ କରି ଡ୍ରାଇଭର ରଞ୍ଜନ ବାରିକ ସମ୍ବଲପୁର ଅଭିମୁଖେ ଆସିଥିଲେ। ୨୯ ତାରିଖ ରାତିରେ ଡକାୟତମାନେ କାର୍‌ରେ ଆସି ଟ୍ରକ୍ ଅଟକାଇବା ସହ ଡ୍ରାଇଭରଙ୍କ ଗୋଡହାତ ବାନ୍ଧି ମଦବୋଝେଇ ଟ୍ରକ୍ ଲୁଟିନେଇଥିଲେ। ସେମାନେ ବିଶାଲପାଲିର ଡୋଲାମଣି ସଲମାଙ୍କ ଟାଇଲ ଫ୍ୟାକ୍ଟ୍ରିରେ ମଦ ଖାଲି କରି ଟ୍ରକ ଓ ଡ୍ରାଇଭରଙ୍କୁ ରେଢାଖୋଲ ନିକଟରେ ଛାଡି ଫେରାର ହୋଇଯାଇଥିଲେ। ଡ୍ରାଇଭର ରଞ୍ଜନ ବାରିକ ଗାଡି ମାଲିକଙ୍କୁ ଜଣାଇବା ପରେ ଗତ ୧ ତାରିଖରେ ଟ୍ରକ ମାଲିକ ହରିୟାଣା ହିସାରର ମୁକେଶ କୁମାର ଚାରମାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୯୦/୨୨) ରୁଜୁ କରିଥିଲା। ସମ୍ବଲପୁର ଏସ୍‌ପି ବାତ୍ତୁଲା ଗଙ୍ଗାଧର ଏକ ପୋଲିସ ଟିମ ଗଠନ କରିଥିଲେ। ଏହି ଟିମ୍ ଡକାୟତ ଦଳକୁ ଠାବ କରିବା ସହ ଲୁଟ ବିଦେଶି ମଦ ଜବତ କରିଥିଲେ। ବିଦେଶି ମଦର ମୂଲ୍ୟ ପ୍ରାୟ ୪୫ ଲକ୍ଷ ୧୫ ହଜାର ୯୧୧ ଟଙ୍କା ହେବ। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବିକାଶ ନାମରେ ଖଣିଜ ସମ୍ପଦ ଲୁଟ୍

- ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାକୁ ଅନୁକମ୍ପା
- ଅନୁମତିଠାରୁ ଅଧିକ ଅଞ୍ଚଳରେ ଖନନ ଅଭିଯୋଗ
- ଖଣି, ରାଜସ୍ୱ ବିଭାଗ ଚୁପ

ସମ୍ବଲପୁର,୧୨।୭(ବ୍ୟୁରୋ)


ନୀଳଡୁଙ୍ଗୁରୀରେ ଥିବା ପଥର ଖାଦାନ ।

ସମ୍ବଲପୁର-ତିଲେଇବଣି ୫୩ନଂ. ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାସଂସ୍ଥା ପୁଞ୍ଜିଲଏଡକୁ ରାସ୍ତା ନିର୍ମାଣ ପାଇଁ ଯୁଯୁମୁରା ତହସିଲ ଅଧୀନ ନୀଳଡୁଙ୍ଗୁରୀରେ ପଥରଖାଦାନ ସହ କ୍ରଶର ବସାଇବା ଅନୁମତି ଦିଆଯାଇଛି। ହେଲେ ପୁଞ୍ଜିଲଏଡ କାମ କରି ନ ପାରିବାରୁ ଛତିଶଗଡର ଡି ଭି ନାମକ କମ୍ପାନୀ ସବ୍‌କଣ୍ଟ୍ରାକ୍ଟର ଭାବେ କାମ କରୁଛି। କାମ ଆରମ୍ଭ ହେବା ଦିନରୁ ସ୍ଥାନୀୟ ଲୋକେ ଘର ଭାଙ୍ଗିବା, କାନ୍ଥ ଫିଟିଯିବା, ଗଛ କଟାଯିବା ନେଇ ଅଭିଯୋଗ କରିଆସୁଛନ୍ତି। ଏହାକୁ ନେଇ ସେମାନେ ପ୍ରାୟ ୪ବର୍ଷ ହେବ ସେମାନେ କମ୍ପାନୀ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ହେଲେ କମ୍ପାନୀ ପୋଲିସ ଲଗାଇ ଲୋକଙ୍କ ମୁହଁ ବନ୍ଦ କରିଦେଉଛି। ଏପରି କି ମିଛ ମାମଲା କରିବାକୁ ଧମକଚମକ ଦେଉଛି। ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା କମ୍ପାନୀ ଏବେ ସରକାରଙ୍କ ରାଜସ୍ୱ କ୍ଷତିର କାରଣ ହୋଇଛି। ପଥର ଖନନ ପାଇଁ ଅସ୍ଥାୟୀ ଭାବେ ଅନୁମତି ନେଇଥିଲେ ବି ଧାର୍ଯ୍ୟ ଅଞ୍ଚଳଠାରୁ ଅଧିକ ପରିମାଣ ଖୋଳିଦେଇଥିବା ଅଭିଯୋଗ ହୋଇଛି।

ଯୁଯୁମୁରା ତହସିଲର ଜଣେ କର୍ମଚାରୀଙ୍କ ସୂଚନା ମୁତାବକ ଏହି ପଥରଖାଦାନରେ ଅନୁମତିଠାରୁ ଅଧିକ ପ୍ରାୟ ୧ ଲକ୍ଷ ୫୦ ହଜାର କ୍ୟୁବିକ ମିଟର ପଥର ଖନନ କରାଯାଇଛି, ଯାହାର ସରକାରୀ ମୂଲ୍ୟ ପ୍ରାୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବେଆଇନ ଭାବେ ପଥର ଖାଦାନରେ ବ୍ଲାଷ୍ଟିଂ କରାଯାଉଥିବାରୁ ଧନଜୀବନ ପ୍ରତି ବିପଦ ରହୁଛି। ଏ ନେଇ ଅଭିଯୋଗ କଲେ ଜାତୀୟ ରାଜପଥ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯାଇଛି, ବିକାଶ କାମ ହେଉଥିବାରୁ ପ୍ରଶାସନ ସୁବିଧା ଦେଉଥିବା ଅଧିକାରୀମାନେ କହି ନିଜ ଉପରୁ ଦୋଷ ଛଡାଇ ଦେଉଛନ୍ତି। କୋଟି କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ୍ ହେଉଥିବା ବେଳେ ଜରିମାନା କରି ମାମଲାକୁ ଚାପି ଦିଆଯାଉଛି। ବାସ୍ତବରେ ଉକ୍ତ ପଥରଖାଦାନରୁ କେତେ ପରିମାଣ ଖନନ ପାଇଁ ଅନୁମତି ମିଳିଛି ଓ କେତେ ଖନନ କରାଯାଇଛି ତାହା ଠିକ ଭାବେ ମାପ କରାଯାଉ ନାହିଁ। ଜାତୀୟ ରାଜପଥ ନିର୍ମାଣ କରିବା ପାଇଁ କମ୍ପାନୀ ଅସ୍ଥାୟୀ ଭାବେ ଅନୁମତି ନେଇଛି। ହେଲେ ପଥରଖାଦାନ ଓ କ୍ରଶରରୁ ବାହାରୁଥିବା ଗେଟି, ମେଟାଲ କମ୍ପାନୀ ଅନ୍ୟ କାମରେ ବ୍ୟବହାର କରୁଛି। ଏହାକୁ ନେଇ ମଧ ରାଜସ୍ୱ ବିଭାଗ ଯାଞ୍ଚ କରୁ ନାହିଁ। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ପିଡି ଏସ୍. ଭେଙ୍କଟେଶ୍ୱର ରାଓ କହିଛନ୍ତି, ଆମ କାମ ରାସ୍ତା ନିମାଣ କରିବା। ପାଖରେ ସାମଗ୍ରୀ ମିଳିବ ବୋଲି ପ୍ରଶାସନକୁ ଅନୁରୋଧ କରିଥିଲ। କାମ ପ୍ରାୟ ୯୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଯଦି ଉକ୍ତ ଖାଦାନରୁ ଅଧିକ ପଥର ଉତ୍ତୋଳନ କରାଯାଉଛି ତା'ହେଲେ ଏହାକୁ ଜଗିବା କାମ ସ୍ଥାନୀୟ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନର ବୋଲି କହିଥିଲେ। ସେହିପରି ଦାୟିତ୍ୱରେ ଥିବା ଯୁଯୁମୁରା ତହସିଲଦାର ମମତା ନନ୍ଦ କହିଛନ୍ତି, ପୂର୍ବରୁ ଅନୁମତି ଦିଆଯାଇଛି। କେତେ ପରିମାଣ ପଥର ଖନନ କରାଯାଇଛି ତାର ଯାଞ୍ଚ କରାଯିବ। ଏହାସହ କେତେ ଅନୁମତି ଦିଆଯାଇଛି ସେ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଧରାପଡ଼ିଲେ ୩ ବାଇକ୍ ଚୋର



ଜମନକିରା,୧୨।୭(ଡି.ଏନ.ଏ.)

ବାଇକ୍ ଲୁଟେରାଙ୍କୁ ଧରିବା ପାଇଁ କୁଚିଣ୍ଡା ଏସ୍‌ଡିପିଓ ରାଜ କିଶୋର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଜମନକିରା ଆଇଆଇସି ପ୍ରେମଜିତ ଦାସ, ଏସ୍‌ଆଇ ସୁଧୀର କୁମାର ମହାକୁଡ଼ ଓ ଗୌଡପାଲି ପୋଲିସକୁ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଧରିବା ସହ ୪ ବାଇକ୍ ଉଦ୍ଧାର କରିଛନ୍ତି। ପୋଲିସ ଶାସନ ଥାନା ବର୍ଛାପାଲିର ସୁଶାନ୍ତ ଛତର (୧୮), ଜମନକିରା ଥାନା କେନ୍ଦୁଖୋଲ ଗ୍ରାମର ଉମେଶ ପେଣ୍ଟେଇ(୨୩) ଓ ବୁର୍ଲା ଥାନା ରୂପାପାଲିର ଅରବିନ୍ଦ ମୁଦୁଲିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଉଦ୍ଧାର ବାଇକ୍‌ଗୁଡିକ ହେଲା ଓଡ଼ି୨୩ଏଲ-୮୩୪୦, ଓଆର୧୫ଜେ-୬୨୫୧, ଓଡ଼ି୧୭ଏସ-୭୬୪୪ ଓ ଓଡ଼ି୧୫ପି-୫୬୪୮।

# ସମଲେଇ ଯୋଜନା: ବେଆଇନ ଉଚ୍ଛେଦ ବନ୍ଦ ହେଉ

**ଘୁନଘୁଟି ପଡ଼ାବାସୀଙ୍କ ବିକ୍ଷୋଭ**


ଜିଲାପାଳଙ୍କ ଅଫିସ ସମ୍ମୁଖରେ ପଡ଼ାବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସମ୍ବଲପୁର,୧୨।୭(ବ୍ୟୁରୋ)

ସମଲେଇ ଯୋଜନାରେ ବିସ୍ଥାପିତ ହୋଇଥିବା ଘୁନଘୁଟି ପଡାବାସୀଙ୍କ ଅସନ୍ତୋଷ ବୃଦ୍ଧି ପାଇଛି। ମଙ୍ଗଳବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସେମାନେ ପ୍ରାୟ ୨ ଘଣ୍ଟା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ବହୁଜନ ମିଳିତ ମଞ୍ଚ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚ ରାଜ୍ୟ ସଭାପତି ଅଭିରାମ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ସମଲେଇ ଯୋଜନା ବିସ୍ତାର ରୂପରେଖ ବିସ୍ଥାପିତମାନଙ୍କୁ ଦିଆଯାଇ ନାହିଁ। ପ୍ରଥମେ ମନ୍ଦିରରୁ ୩୦ ମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ହେବ ବୋଲି ଯୋଜନା କରିଥିଲେ। ଏବେ କେତେ ପରିମାଣ ଜମି ଅଧିଗ୍ରହଣ କରାଯିବ ତାହା ସ୍ପଷ୍ଟ କରାଯାଉନାହିଁ। ପ୍ରାୟ ୪୫୦ବର୍ଷ ହେବ ବସବାସ କରୁଥିବା ଘୁନଘୁଟି ପଡାବାସୀଙ୍କୁ ବେଆଇନ ଭାବେ ବିସ୍ଥାପିତ କରାଯାଉଛି। ଏହି ବେଆଇନ ଉଚ୍ଛେଦକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ସମଲେଇ ଯୋଜନାରେ ମନ୍ଦିର ବିକାଶ କରାଯାଉ। ସେଥିପାଇଁ ଯେତେ ପରିମାଣ ଜମି ଆବଶ୍ୟକ ଅଧିଗ୍ରହଣ କରାଯାଉ। ହେଲେ ଏଥିରେ ସହରର ବଡବଜାର, କମଲିବଜାର, ଘୁନଘୁଟିପଡା, ରାଜାଜି ମନ୍ଦିରପଡା, ବାଲିବନ୍ଧାର ଶତାଧିକ ପରିବାର ବିସ୍ଥାପିତ ହେବେ। ଶହ ଶହ ବର୍ଷରୁ ବାପ ଅଜା ଅମଳରୁ ଘରକରି ରହୁଛନ୍ତି। କ୍ଷତିପୂରଣ ବଦଳରେ ସେମାନେ ସ୍ମୃତିକୁ ହରାଇ ପାରିବେ ନାହିଁ ବୋଲି କହିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

## ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ଦାବିପତ୍ର

ନାକଟିଦେଉଳ,୧୨।୭(ଡ଼ି.ଏନ.ଏ.)

ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ସଂସଦରେ ଭବିଷ୍ୟତ ସୁରକ୍ଷା ପାଇଁ ଜନ୍ମ ନିୟନ୍ତ୍ରଣ ବିଲ୍ ପାରିତ କରିବାକୁ ମଙ୍ଗଳବାର ନାକଟିଦେଉଳ ବିଡ଼ିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଦେଶର ଭୌଗଳିକ, ସାମାଜିକ ଓ ଅର୍ଥନୈତିକ ସ୍ଥିତି ବିପଦସଙ୍କୁଳ ହେବାକୁ ବସିଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇବାରେ ଲାଗିଛି। ଆଜିର ସାମାଜିକ ଓ ଭୌଗଳିକ ସ୍ଥିତିକୁ ଅବଲୋକନ କଲେ ଜଣାପଡୁଛି ଆମ ଦେଶ କ୍ରମେ ବିଭାଜନ ଆଡ଼କୁ ଅଗ୍ରସର ହେଉଛି, ଯାହା କଠୋର ଜନସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ ଦ୍ୱାରା ନିୟନ୍ତ୍ରଣାଧୀନ ହୋଇପାରିବ। ଦେଶକୁ ସଙ୍କଟ ମୁହଁରୁ ଉଦ୍ଧାର କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି ବିଲ୍ ଉଭୟ ବିଧାନସଭା ଓ ଲୋକ ସଭାରେ ପାରିତ କରନ୍ତୁ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭାରତର ସବୁ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଜନ୍ମ ବାଧ୍ୟତାମୂଳକ କରିବା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି। ଫାଉଣ୍ଡେଶନ ଓଡ଼ିଶା ଶାଖା ଉପସଭାପତି ଗୋବିନ୍ଦ ଅଗ୍ରୱାଲାଙ୍କ ନେତୃତ୍ୱରେ ବ୍ଲକ ଶାଖା ସଭାପତି କୁମାରେଶ ସ୍ୱାଇଁ, ପ୍ରଫୁଲ୍ଲ ପ୍ରଧାନ, ହରିହର ସାହୁ, ଭକ୍ତବଲ୍ଲଭ ପ୍ରଧାନ, ଦେବ ସାହୁ, ଈଶ୍ୱର ଷଣ୍ଢଙ୍କ ସମେତ ବହୁ ସଭ୍ୟ ଅତିରିକ୍ତ ବିଡ଼ିଓ ବିଦ୍ୟାଧର ରାଉତରାୟଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



## ମେଳାରେ ଉଦ୍ଧାର ୨୦୧ ମୋବାଇଲ ବଣ୍ଟନ



ମେଳାରେ ଏସ୍‌ପି ଜଣେ ବ୍ୟକ୍ତିଙ୍କୁ ତାଙ୍କ ମୋବାଇଲ୍ ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୨।୭

**ଜିଲା ପୋଲିସର ସଫଳତା**

ମୋବାଇଲ୍ ଚୋରି ନେଇ ଜିଲାର ବିଭିନ୍ନ ଥାନାରେ ସମୁଦାୟ ୪୧୩ ମାମଲା ରୁଜୁ ହୋଇଥିଲା। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶକ୍ରମେ ସାଇବର୍ ସେଲ୍ ଓ ପୋଲିସ୍ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତ ଜୁନ୍ ୧୦ତାରିଖରୁ ତଦନ୍ତ କରି ଚୋରି ଓ ହଜି ଯାଇଥିବା ମୋବାଇଲ୍‌ର ଆଇଏମ୍‌ଇଆଇ ନମ୍ବର ଟ୍ରାକ୍‌କରି ଠାବ କରିଥିଲା। ଦିଲ୍ଲୀ, ଛତିଶଗଡ, ଝାଡଖଣ୍ଡ, ମହାରାଷ୍ଟ୍ର ଆଦି ରାଜ୍ୟରେ ପୋଲିସ୍ ଚଢାଉକରି ସମୁଦାୟ ୨୦୧ମୋବାଇଲ୍ ଜବତ କରିଛି। ଜବତ ମୋବାଇଲ୍‌ର ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ୍ ସୂତ୍ରରୁ ଜଣାପଡିଛି। ଏହି ମାମଲାରେ ପୋଲିସ୍ ପୂର୍ବରୁ ୪ଜଣଙ୍କୁ ଗିରଫକରି କୋର୍ଟ ଚାଲଣ କରିଛି। ଆହୁରି ମୋବାଇଲ୍ ଉଦ୍ଧାର ହେବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବବୋଲି ଏସ୍‌ପି ଜୈନ କହିଛନ୍ତି। ଉଦ୍ଧାର ମୋବାଇଲ୍ ସମ୍ପର୍କରେ ଜିଲା ପୋଲିସ୍ ତରଫରୁ ଏକ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ସୂଚନା ଦିଆଯାଇଥିଲା। ମଙ୍ଗଳବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ମୋବାଇଲ୍ ବିତରଣ ମେଳା ଅନୁଷ୍ଠିତ ହୋଇଥିଲା। ଏହି ମେଳାରେ ଲୋକେ ଉପସ୍ଥିତ ରହି ନିଜନିଜର ପ୍ରମାଣପତ୍ର ଦାଖଲ କରିବାପରେ ଏସ୍‌ପି ସେମାନଙ୍କୁ ମୋବାଇଲ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା, କେ.ସି. ବେହେରା, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଗୁପ୍ତେଶ୍ୱର ଭୋଇ, ଆଇଆଇସି ସାବିତ୍ରୀ ବଳ, ଆଇଆଇସି ଅମିତାଭ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ

ସମ୍ବଲପୁର,୧୨।୭ (ବ୍ୟୁରୋ)



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି।

ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ବୋମାଲୋଇ ପଞ୍ଚାୟତ ଓରାମପଡା ଅଙ୍ଗନୱାଡି କେନ୍ଦ୍ରଠାରେ ପାଳିତ ହୋଇଯାଇଛି । ଏଥିରେ ୨୦ଜଣ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ବିଶ୍ୱ ଜନସଂଖ୍ୟାକୁ କିପରି ରୋକାଯାଇପାରିବ ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ । ଲଇଡା ସିଏଚ୍‌ସିର ସ୍ୱାସ୍ଥ୍ୟ ସହଯୋଗୀ ଶ୍ରୀରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବାର ନିୟୋଜନର ସମସ୍ତ ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ଉଚିତ କମ୍ପାନୀର ସହ ପ୍ରବନ୍ଧକ ମନୋରଞ୍ଜନ ବେହେରା ବିଶ୍ୱ ଜନସଂଖ୍ୟାର କୁପ୍ରଭାବ ବିଷୟରେ କହିଥିଲେ । ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ପରିବାର ନିୟୋଜନର ସମସ୍ତ ସୁବିଧା ବିଷୟରେ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦୂତ କର୍ମଶାଳା

ପଡିଆବାହାଲ, ୧୨।୭(ଡି.ଏନ.ଏ.)

ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ ଭାରତ ଅନ୍ତର୍ଗତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଦୂତ କର୍ମଶାଳା ମଙ୍ଗଳବାର ଆରମ୍ଭ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଓ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷାର୍ଥୀ ଭାବେ ଯୋଗଦେଇଛନ୍ତି। ବିଦ୍ୟାଳୟ ସ୍ତରରେ କିଶୋର, କିଶୋରୀଙ୍କ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ, ବ୍ୟକ୍ତିଗତ ଜୀବନଶୈଳୀ ଆଦି ଉପରେ ଶିକ୍ଷା ଦିଆଯାଇଥିଲା। ଶିକ୍ଷୟିତ୍ରୀ ଶ୍ରୀରୂପା ନାୟକ, କ୍ଷିରେଶ୍ୱରୀ ପ୍ରଧାନ, ସିଆର୍‌ସିସି ସତ୍ୟବାଦୀ ଟପ୍ପୋ, ବନାନୀ ସ୍ୱାଇଁ, ଦେବରାଜ ସାହୁ, ଅଗସ୍ତି ଚରଣ ଗଡତ୍ୟା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ପିଏଚ୍‌ଇଓ ଅଗସ୍ତି ଚରଣ ଗଦତ୍ୟାଙ୍କ ସଂଯୋଜନାରେ ଶିବିର ପରିଚାଳିତ ହୋଇଥିଲା।

# ମଧ୍ୟାହ୍ନଭୋଜନ ଦୁର୍ନୀତି ଅଭିଯୋଗ: ଶିକ୍ଷକଙ୍କୁ କୈଫିୟତ ତଲବ

କୁଚିଣ୍ଡା,୧୨।୭(ଡି.ଏନ.ଏ.)


ବିଇଓଙ୍କୁ ଦାବିପତ୍ର ଦେଉଛନ୍ତି ଗ୍ରାମବାସୀ।

କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର ବୁରୋଡିହି ସରକାରୀ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ଦୁର୍ନୀତି କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। କରୋନା ପାଇଁ ଦୁଇବର୍ଷ ଧରି ସ୍କୁଲ ବନ୍ଦ ରହିଥିଲେ ମଧ ପିଲାଙ୍କୁ ମଧ୍ୟାହ୍ନଭୋଜନ ବାବଦକୁ ସରକାର ଚାଉଳ ଓ ଟଙ୍କା ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଚୂଡାମଣି ପୃଷେଠ ଏହି ଦୁଇ ବର୍ଷରେ ପିଲାଙ୍କୁ ମାତ୍ର ୧୯ କେଜି ଚାଉଳ ଓ ୬୦୦ଟଙ୍କା ଲେଖାଏ ଦେଇ ବାକି ଚାଉଳ ଓ ଟଙ୍କା ଆତ୍ମସାତ୍ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାଛଡା ମଧ୍ୟାହ୍ନ ଭୋଜନ ରୋଷେଇ ସାମଗ୍ରୀ ଓ ବାସନ କୁସନ ବାବଦକୁ ଆସିଥିବା ୧୦ହଜାର ଟଙ୍କାକୁ ପ୍ରଧାନ ଶିକ୍ଷକ ହେରଫେର କରିବା ସହ ବିଦ୍ୟାଳୟ ଉନ୍ନତି ପାଇଁ ଆସୁଥିବା ସରକାରୀ ଅନୁଦାନ ଠିକ୍ ଭାବେ ଖର୍ଚ୍ଚ କରି ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଇଓ ଉଷତରାମ ପଧାନଙ୍କୁ ପଚାରିବାରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ଏ ନେଇ କୈଫିୟତ ତଲବ ଚିଠି କରାଯାଇ ଏହାର ତଦନ୍ତ ନିମନ୍ତେ ଦୁଇଜଣ ସିଆର୍‌ସିସି ନବୀନ ଚନ୍ଦ୍ର ସାହୁ ଓ ତପସ୍ୟା ବାଘଙ୍କୁ ଦାୟିତ୍ୱ ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଚୂଡାମଣି ପୃଷେଠଙ୍କୁ ପଚାରିବାରେ ଅସୁବିଧା ବଶତଃ ପିଲାଙ୍କୁ ଦେବାରେ ବିଳମ୍ବ ହୋଇଥିବା ସ୍ୱୀକାର କରି ତୁରନ୍ତ ସ୍କୁଲ ପରିଚାଳନା କମିଟି ଉପସ୍ଥିତିରେ ପିଲାଙ୍କୁ ଚାଉଳ ଓ ଟଙ୍କା ପ୍ରଦାନ କରିବେ ବୋଲି କହିଛନ୍ତି।

# କଲେଜ ଅଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟକୁ ବିରୋଧ

- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ
- ଆନ୍ଦୋଳନ କରିବାକୁ ଗ୍ରାମବାସୀଙ୍କ ଚେତାବନୀ

କୁଚିଣ୍ଡା,୧୨।୭(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅର୍ଡାବାହାଲ ଠାରେ ସରକାରଙ୍କ ଆଦିବାସୀ ହରିଜନ କଲ୍ୟାଣ ବିଭାଗ ପକ୍ଷରୁ ପରିଚାଳିତ ହେଉଥିବା ଯୁକ୍ତଦୁଇ ବିଜ୍ଞାନ କଲେଜ ଅଧ୍ୟକ୍ଷଙ୍କ ମନୋମୁଖୀ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଏ ନେଇ ଜିଲା ପ୍ରଶାସନଠାରେ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି।

ଅଭିଯୋଗକ୍ରମେ ୧୯୮୪ରେ ଅର୍ଡାବାହାଲଠାରେ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ପକ୍ଷରୁ ସରକାରୀ ବାଳିକା ହାଇସ୍କୁଲ ସ୍ଥାପନ କରାଯାଇଛି। ଗରିବ ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ୨୦୧୩ ମସିହାରୁ ଉକ୍ତ ହାଇସ୍କୁଲ ପରିସରରେ ଯୁକ୍ତଦୁଇ ବିଜ୍ଞାନ କଲେଜ ପରିଚାଳିତ ହେଉଛି। ୨୦୨୧ରେ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ରଞ୍ଜନ କୁମାର ନାଏକ ଯୋଗଦେବା ପରଠାରୁ ତାଙ୍କର ମନୋମୁଖୀ କାର୍ଯ୍ୟ ଯୋଗୁ ଅସନ୍ତୋଷ ଦେଖାଦେଇଛି। ଅଧ୍ୟକ୍ଷ ନାଏକ ଶିକ୍ଷକମାନଙ୍କୁ ଅଣଶିକ୍ଷକ କାର୍ଯ୍ୟ କରିବାକୁ ବାଧ କରିବା, ଦୁର୍ବଳ ପିଲାଙ୍କ ପାଇଁ ହୋଇଆସୁଥିବା ଏକ୍ସଟ୍ରା କ୍ଲାସ ବନ୍ଦ କରିଦେବା, ଅଧ୍ୟକ୍ଷଙ୍କୁ ଇଂରାଜୀ ବିଷୟରେ ଡାଉଟ କ୍ଲିୟର ପାଇଁ ପଚାରିଲେ ପିଲାଙ୍କୁ ଓଲଟା ଧମକ ଦେବା, କଲେଜର ମୁଖ୍ୟ ଗେଟରେ ତାଲା ପକାଇ ବାଳିକା ହାଇସ୍କୁଲ ଗେଟରେ ଯିବାଆସିବା ପାଇଁ ବାଧ କରିବା, ଅଭିଭାବକ ଓ ପରିଚାଳନା କମିଟିର କୌଣସି ପ୍ରସ୍ତାବକୁ ଗ୍ରହଣ ନ କରିବା, ଷ୍ଟାଫମାନଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଆଦି ଅଭିଯୋଗରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ଓ ଅର୍ଡାବାହାଲ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଡିଡବ୍ଲ୍ୟୁଓ, ବିଭାଗୀୟ ଡାଇରେକ୍ଟରଙ୍କୁ ଏକାଧିକବାର ପତ୍ରାଳାପ କରାଯାଇଥିବା ବେଳେ, କଲେଜ ପିଲାଙ୍କ ପକ୍ଷରୁ ମଧ ଡିଡବ୍ଲ୍ୟୁଓଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ବିଭାଗୀୟ ଜିଲା କର୍ତ୍ତୃପକ୍ଷ ଉପର ଦେଖାଣିଆ ଭାବେ ଡିଡବ୍ଲ୍ୟୁଓ ଓ ଏଡିଡବ୍ଲ୍ୟୁଓଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇ ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଧ୍ୟକ୍ଷଙ୍କୁ ତୁରନ୍ତ ବଦଳି କରା ନ ଗଲେ ଅଭିଭାବକ ଓ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରଞ୍ଜନ ନାଏକଙ୍କୁ ପଚାରିବାରେ ଯେଉଁସବୁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ସମ୍ବଲପୁର ଡିଡବ୍ଲ୍ୟୁଓ ଭାଗିରଥି ପଟେଲଙ୍କୁ ପଚାରିବାରେ ଅର୍ଡାବାହାଲ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ରିପୋର୍ଟ ମୋର ହସ୍ତଗତ ହୋଇଛି। ଅଭିଯୋଗର ଗୁରୁତ୍ୱକୁ ଉପଲବ୍ଧି କରି ଅଧ୍ୟକ୍ଷଙ୍କ ବଦଳି ପାଇଁ ସରକାରଙ୍କୁ ସୁପାରିଶ କରାଯାଇଛି ଓ ଆଦେଶ ଆସିବା ମାତ୍ରେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ସରପଞ୍ଚଙ୍କ ୩ ସନ୍ତାନ ଅଭିଯୋଗର ତଦନ୍ତ ଆରମ୍ଭ

**କୁତ୍ରା,୧୨।୭(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ସୀତା ମିଞ୍ଜଙ୍କ ୩ ସନ୍ତାନ ଥିବା ନେଇ ଅଭିଯୋଗ ହେବା ସହିତ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ପରାଜିତ ପ୍ରାର୍ଥୀ ପ୍ରତି ଲାକ୍ରା ଉପଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଉପଜିଲାପାଳ ଅଭିମନ୍ୟୁ ବେହେରା ଓ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ ମଙ୍ଗଳବାର ଉକ୍ତ ପଞ୍ଚାୟତକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଅଧିକାରୀମାନେ ଗ୍ରାମବାସୀ ଓ ପରାଜିତ ପ୍ରାର୍ଥୀଙ୍କୁ ଅଭିଯୋଗ ଉପରେ ପଚରାଉଚୁରା କରିଥିଲେ। ଏହାସହିତ କାଗଜପତ୍ର ଯାଞ୍ଚ କରିଥିଲେ। ତେବେ ଏହାର ତଦନ୍ତ ଜାରି ରହିବ। ତଦନ୍ତ ପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ସେଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ସୀତା ମିଞ୍ଜ, ପ୍ରୀତି ଲାକ୍ରା, ସୁଜାତା ଖେସ, ପୂର୍ଣ୍ଣିମା ମାଝୀ, ପ୍ରତିମା କେର୍କେଟା, ଗୀତା ଲାକ୍ରା, ମଞ୍ଜୁ ମିଞ୍ଜ, ପ୍ରେମୀ ଅଶ୍ୱାନ୍ତି ଡୁଙ୍ଗଡୁଙ୍ଗ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ। ଏଥିରେ ସୀତା ମିଞ୍ଜ ଜିତିଥିଲେ।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଟେନସା,୧୨।୭(ଡ଼ି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଟିକାଏତପାଲି ଥାନା ଅଧୀନ କୁଲକୁତା ଗାଁ ମୁଣ୍ଡରେ ବାଇକ୍ ଧକ୍କାରେ ମଙ୍ଗଳବାର ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିରାକାର ନାଏକ(୫୫)। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ କରୁଛି। ଅପରାହ୍ନ ୨ଟା ସମୟରେ କୁସୁମି ଥାନା କୁଡ଼ିଣ୍ଡା ଗ୍ରାମର ନିରାକାର ଟିକାଏତପାଲି ଥାନା ଅନ୍ତର୍ଗତ ଗୁଜାପାଳ ଗ୍ରାମରେ ରହୁଥିବା ତାଙ୍କ ସଢୁ ଘରକୁ କୁଣିଆ ଆସି ସାଇକେଲରେ ଫେରୁଥିଲେ। ଏକ ବାଇକ୍ (ନଂ.ଓଡି୧୪ଆର/୭୭୦୧) ଯୋଗେ ୩ଜଣ ଯାଉଥିବା ବେଳେ କୁଲକୁତା ଗାଁ ମୁଣ୍ଡରେ ବାଇକ୍‌ଟି ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ନିରାକାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେହିପରି ବାଇକ୍‌ରେ ବସିଥିବା ତିନି ଜଣଙ୍କ ମଧ୍ୟରୁ ଦୁଇଜଣ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଡାଲମିଆ ସିମେଣ୍ଟର ବନ ମହୋତ୍ସବ ପାଳନ

**ରାଜଗାଙ୍ଗପୁର,୧୨।୭ (ଡି.ଏନ.ଏ.):** ଡାଲମିଆ ଭାରତ ଲିମିଟେଡ (ଡିବିଏଲ) ପକ୍ଷରୁ ରାଜଗାଙ୍ଗପୁର ପ୍ରକଳ୍ପ, କଲୋନୀ ଏବଂ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ୧୫୦୦ ବୃକ୍ଷଚାରା ରୋପଣ କରାଯାଇଛି । ରାଜଗାଙ୍ଗପୁରରେ ତିନି ଦଶନ୍ଧି ଧରି ୩.୮ ଏକର ଜାଗାରେ ଆବର୍ଜନା ପକାଯାଉଥିବା କମ୍ପାନୀ ଏହାକୁ କିଷ୍କିନ୍ଦା ବନ ଭାବେ ପୁନଃନାମିତ କରିଛି । ଏହାକୁ ସିନିୟର ଇଡି ଏବଂ ନ୍ୟାଶନାଲ ମାନୁଫାକ୍ଚରିଂ ହେଡ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ଗଣେଶ ଡବ୍ଲ୍ୟୁ. ଜି. କୁଷ୍ଟୱାର ଉନ୍ମୋଚନ କରିଛନ୍ତି। ଏଠାରେ ଜୈବିକ ପନିପରିବା, ଆମ୍ବ, ପିଜୁଳି, କମଳା, କଦଳୀ ଏବଂ ଔଷଧୀୟ ଗୁଳ୍ମ ଲଗାଯିବ । ବନ ମହୋତ୍ସବ ପାଳନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କମ୍ପାନୀର ସିଏସ୍ଆର ଏବଂ ଆର ଆଣ୍ଡ ଆର୍ ଟିମ୍ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ବୃକ୍ଷଚାରା ବଣ୍ଟନ କରିଥିଲେ। ଏଥିସହିତ କଟାଙ୍ଗର ଚୌକିଦାରପଡା ଗ୍ରାମରେ ଲେମ୍ବୁ, ଲିଚୁ, କାଜୁ ଏବଂ ନଡିଆ ଚାରା ବଣ୍ଟନ କରାଯାଇଥିଲା। ସପ୍ତାହବ୍ୟାପୀ ବୃକ୍ଷଚାରା ରୋପଣ ଅଭିଯାନରେ ସ୍ଥାନୀୟ ବାସିନ୍ଦା, ଛାତ୍ରୀଛାତ୍ର, ଶିକ୍ଷକ, ପ୍ରାଧାପକ, ଏନ୍‌ସିସି, ସ୍କାଉଟ ଗାଇଡ, ରେଡକ୍ରସ ଏବଂ ଏନ୍‌ଏସ୍ଏସ୍ ୟୁନିଟ ଗୁଡିକ ଅଂଶଗ୍ରହଣ କରିଥିଲେ ।

# ସ୍ତ୍ରୀଙ୍କୁ ହତ୍ୟା ପରେ ଗଡ଼ିଆରେ ଫିଙ୍ଗିଦେଲେ

### ଅଭିଯୁକ୍ତ ସ୍ୱାମୀ କୋର୍ଟଚାଲାଣ

**ସୁନ୍ଦରଗଡ଼,୧୨।୭(ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କିଞ୍ଜିରିକେଲା ଥାନା ଅନ୍ତର୍ଗତ ଭଣ୍ଡାର କରୁଆବାହାଲ ଗାଁ ଧାନବିଲରେ ଥିବା ଏକ ଗଡ଼ିଆ ଭିତରୁ ପୋଲିସ ଜଣେ ବିବାହିତା ମହିଳାଙ୍କ ଗଳିତ ମୃତଦେହକୁ ମଙ୍ଗଳବାର ଉଦ୍ଧାର କରିଛି। ମୃତା ମହିଳା ହେଲେ ସୁଶୀଳା ବିଲୁଙ୍ଗ(୩୫)। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ସକାଶେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ମିଶ୍ରିଲାଲ ବିଲୁଙ୍ଗଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୩୧।୨୨) ରୁଜୁ କରିଛି।

ପୋଲିସ ସୂଚନା ଅନୁସାରେ, ଗତ ୧୫ ବର୍ଷ ତଳେ ମିଶ୍ରିଲାଲ ସୁଶୀଳାଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ଦୁଇଟି ପୁଅଝିଅ ଅଛନ୍ତି। ଗତ କିଛିଦିନ ହେଲା ଅନ୍ୟ ଜଣେ ଯୁବତୀଙ୍କ ସହ ମିଶ୍ରିଲାଲଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ମିଶ୍ରିଲାଲ ଉକ୍ତ ପ୍ରେମିକାଙ୍କୁ ଧରି ଝାରସୁଗୁଡା ଅଞ୍ଚଳରେ ରହୁଥିଲେ ଏବଂ ଗତ ୯ତାରିଖ ବାହୁଡାଯାତ୍ରାରେ ଘରକୁ ଆସିଥିଲେ। ରାତିରେ ସ୍ୱାମୀ ସ୍ତ୍ରୀ ଖାଇପିଇ ଶୋଇବାକୁ ଯିବାବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମିଶ୍ରିଲାଲ ସୁଶୀଳାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ରାତିରେ ମୃତଦେହକୁ ନେଇ ଗ୍ରାମ ନିକଟ ବିଲାରେ ଥିବା ଏକ ଗଡ଼ିଆ ପାଣିରେ ପଥର ବାନ୍ଧି ପକାଇ ଦେଇଥିଲେ ଏବଂ ପରଦିନ ସକାଳେ ସେ ଝାରସୁଗୁଡା ଚାଲିଯାଇଥିଲେ। ତେବେ ସକାଳେ ଦୁଇ ପୁଅଝିଅ ମା'ଙ୍କୁ ନ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ସୁଶୀଳାଙ୍କୁ ନ ପାଇ ଶେଷରେ ଗ୍ରାମବାସୀଙ୍କ ସହାୟତାରେ କିଞ୍ଜିରିକେଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ସୋମବାର ରାତିରେ ମିଶ୍ରିଲାଲ ଓ ତାଙ୍କ ପ୍ରେମିକାଙ୍କୁ ଝାରସୁଗୁଡାରୁ କିଞ୍ଜିରିକେଲା ଥାନାକୁ ଆଣି ପଚରାଉଚୁରା କରିଥିଲା। ପଚରାଉଚୁରା ବେଳେ ମିଶ୍ରିଲାଲ ସୁଶୀଳାଙ୍କୁ ହତ୍ୟା କରି ମୃତଦେହରେ ପଥର ବାନ୍ଧି ଗଡ଼ିଆ ପାଣିରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି। ଏହାପରେ ମଙ୍ଗଳବାର ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନିଆଯାଇଥିଲା। ସେଠାରେ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଉକ୍ତ ଗଡ଼ିଆରୁ ସୁଶୀଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା।



ମଙ୍ଗଳବାର ରାଉରକେଲା ସେକ୍ଟର-୨୦ ସ୍ଥିତ ମିଶ୍ର ଖଟାଲ ବସ୍ତିରେ ଜବରଦଖଲକାରୀଙ୍କୁ ଆର୍‌ଏସ୍‌ପି ପକ୍ଷରୁ ଉଚ୍ଛେଦ କରାଯାଇଛି।

### ପୁଅ ଠେଙ୍ଗା ମାଡ଼ରେ ବାପା ମୃତ

**ଟେନ୍‌ସା,୧୨।୭(ଡି.ଏନ.ଏ.)** ସୁନ୍ଦରଗଡ଼ ଜିଲା ମହୁଲପଦା ଥାନା ଅଧୀନ ଫୁଲଝର ଗ୍ରାମରେ ମଙ୍ଗଳବାର ପୁଅର ଠେଙ୍ଗା ମାଡରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫୁଲଝର ଗ୍ରାମର ମଙ୍ଗଳ ମୁଣ୍ଡା (୪୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁସାରେ, ମଙ୍ଗଳବାର ମଙ୍ଗଳ ଓ ତାଙ୍କ ପୁଅ ବାଜିଙ୍କ ମଧ୍ୟରେ ଘରୋଇ କଳିକୁ ନେଇ ଝଗଡା ହୋଇଥିଲା। ବାଜି ରାଗି ଯାଇ ମଙ୍ଗଳଙ୍କୁ ଏକ ଠେଙ୍ଗାରେ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଶିକ୍ଷକ ଅଭାବ, ସ୍କୁଲରେ ତାଲା ପକାଇଲେ ଅଭିଭାବକ

**ରାଉରକେଲା ଅଫିସ,୧୨।୭** ସ୍ମାର୍ଟସିଟି ରାଉରକେଲାର ବାଲୁଘାଟ ବ୍ରାହ୍ମଣୀ ନଗର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲାମାନଙ୍କ ପାଂପଢାରେ ବାଧା ଉପୁଜୁଛି। ଏହାର ପ୍ରତିବାଦରେ ଅଭିଭାବକମାନେ ମଙ୍ଗଳବାର ସ୍କୁଲ ଗେଟରେ ତାଲା ପକାଇ ଦେଇଛନ୍ତି। ସୂଚନା ଅନୁସାରେ, ବ୍ରାହ୍ମଣୀ ନଗର ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ଶିକ୍ଷାଦାନ ହୋଇପାରୁ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ୩ ଜଣ ଶିକ୍ଷକ ଅବସର ନେବା ପରେ ଆଜିଯାଏ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏ ନେଇ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ସ୍କୁଲରେ ଶିକ୍ଷକ ନ ଥିବା ନେଇ ଅଭିଯୋଗ ହୋଇନାହିଁ। କିଭଳି ଶିକ୍ଷକ ନିଯୁକ୍ତି ଦିଆଯାଇପାରିବ ସେ ନେଇ ଜିଲାପାଳଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ନେବି ବୋଲି ପ୍ରଧାନ କହିଥିଲେ।

# ବ୍ୟବସାୟୀଙ୍କଠୁ ୩.୬୦ଲକ୍ଷ ଲୁଟିଲେ ଦୁର୍ବୃତ୍ତ

### ଷ୍ଟିଲ୍‌ସିଟିରେ କଳା ପଲ୍‌ସର ଆତଙ୍କ

**ରାଉରକେଲା ଅଫିସ,୧୨।୭** ରାଉରକେଲା ସିଭିଲ ଟାଉନ୍‌ସିପ୍ ମେନ୍ ରୋଡ୍ ଅଞ୍ଚଳରେ ଥିବା ଆଇସିଆଇସିଆଇ ବ୍ୟାଙ୍କ ସମ୍ମୁଖରୁ ଜଣେ କଣ୍ଟା ବ୍ୟବସାୟୀଙ୍କଠାରୁ ୩.୬୦ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଏ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୯୬।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଗାନ୍ଧୀରୋଡ୍ ଅଞ୍ଚଳର ଅମିତ ଗୁପ୍ତା(୨୮) ସିଭିଲଟାଉନ୍‌ସିପ୍ ଅଞ୍ଚଳରେ ଏକ କଣ୍ଟା ଦୋକାନ କରିଛନ୍ତି। ମଙ୍ଗଳବାର ଦିନ ସାଢ଼େ ୧୨ଟାରେ ସେ ସିଭିଲଟାଉନ୍‌ସିପ୍ ମେନ୍‌ରୋଡ୍ ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କରେ ଟଙ୍କା ଜମା କରିବା ପାଇଁ ସ୍କୁଟି (ନଂ.ଓଡି୧୪ଏଚ୍/୧୭୫୭) ଯୋଗେ ଯାଇଥିଲେ। ଅମିତ ବ୍ୟାଙ୍କ ସମ୍ମୁଖରେ ପହଞ୍ଚିବା ପରେ ସ୍କୁଟି ଉପରେ ଟଙ୍କା ବ୍ୟାଗ୍ ରଖି ଗାଡ଼ି ଷ୍ଟାଣ୍ଡ ମାରୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ କଳା ପଲସରରେ ଆସି ଟଙ୍କା ଭର୍ତ୍ତି ବ୍ୟାଗ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ଅମିତ ଏ ନେଇ ରଘୁନାଥପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ ମଧ୍ୟ ଏଯାଏ ଦୁର୍ବୃତ୍ତଙ୍କର କୌଣସି ମିଳିନାହିଁ।



ଅଭିଯୋଗକାରୀ ଅମିତ ଗୁପ୍ତା।

ଉଲ୍ଲେଖନୀୟ ଯେ, ଗତ ଜୁଲାଇ ୩ରେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଡେଲି ମାର୍କେଟ ଅଞ୍ଚଳରେ କମ୍ପ୍ୟୁଟର ଦୋକାନୀ ଏମ୍‌ଡି ନୌସାଦଙ୍କ କର୍ମଚାରୀ ଏମ୍‌ଡି ଆସିଫ ବିଶ୍ରା ଛକ ସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖାରେ ଟଙ୍କା ରଖିବାକୁ ଯାଇଥିବାବେଳେ ଜଣେ ବୃଦ୍ଧ ବ୍ୟକ୍ତି ଅଭିନବ ଉପାୟରେ ତାଙ୍କ ଠାରୁ ୧ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାକୁ ୧୦ ଦିନ ଉପରେ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ କୌଣସି ସନ୍ଧାନ ପାଇନାହିଁ।

# ଆରଏସ୍‌ପିର ନୂତନ ଅମ୍ଳଜାନ ପିଆରଏମ୍‌ଏସ୍ ଉଦ୍‌ଘାଟିତ



ଅତିଥିମାନେ ନୂତନ ଅମ୍ଳଜାନ ପିଆରଏମ୍‌ଏସ୍‌କୁ ଉଦ୍‌ଘାଟନ କରୁଛନ୍ତି।

**ରାଉରକେଲା ଅଫିସ,୧୨।୭** ଆରଏସ୍‌ପିର ଷ୍ଟିଲ ମେଲଟିଂ ସପ୍-୨ର କନଭର୍ଟର-ସି ଓ କାଷ୍ଟର-୩ ନୂତନ ଅମ୍ଳଜାନ ପିଆରଏମ୍‌ଏସ୍ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ସେବା ବିଭାଗର ସିଜିଏମ୍ ନରେଶ କୁମାର, ଅକ୍ସିଜେନ ପ୍ଲାଣ୍ଟର ଜିଏମ୍ ଆଶା ଏସ୍ କାର୍ଥାଙ୍କ ସହ ଅକ୍ସିଜେନ ପ୍ଲାଣ୍ଟର ବହୁ ବରିଷ୍ଠ କର୍ମଚାରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅମ୍ଳଜାନ ନୂତନ ପିଆରଏମ୍‌ଏସ୍ ଘଣ୍ଟା ପ୍ରତି ୮୪୦୦ ଘନ ମିଟର କ୍ଷମତା ବିଶିଷ୍ଟ ଅମ୍ଳଜାନ ପ୍ରେସର ରେଡ୍ୟୁସିଂ ଓ ମେଟିରଙ୍ଗ ଷ୍ଟେସନ ଏସ୍‌ଏମ୍‌ଏସ୍-୨ର କନଭର୍ଟର -୩ ଓ କାଷ୍ଟର-୩ ପରି ଆଧୁନିକୀକରଣ ପ୍ରକଳ୍ପର ଅମ୍ଳଜାନ ଚାହିଦା ପୂରଣ କରିବା ପାଇଁ ସ୍ଥାପିତ ହୋଇଛି।

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

### ଯୁବତୀଙ୍କ ଆତ୍ମହତ୍ୟା ଘଟଣା

**ରାଉରକେଲା ଅଫିସ,୧୨।୭** ରାଉରକେଲା ଉଦିତନଗର ଥାନା ପାୱାରହାଉସ୍ ରୋଡ ସ୍ଥିତ ଅରିହନ୍ତ ଟେକ୍ସଟାଇଲ୍ସରେ କାମ କରୁଥିବା ଖୁସବୁ ରାଉତ(୧୯) ସୋମବାର ରାତି ୯ଟାରେ ଦୋକାନର ଷ୍ଟୋର ରୁମ୍‌ରେ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ଉଦିତନଗର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୪।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ତେବେ ଖୁସ୍‌ବୁଙ୍କୁ ହତ୍ୟା କରାଯାଇଥିବା ମୃତା ଯୁବତୀଙ୍କ ମା' ସୁକାନ୍ତି ରାଉତ ମଙ୍ଗଳବାର ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଖୁସବୁ ପାୱାରହାଉସ୍ ରୋଡ କଳିଙ୍ଗ ଟ୍ରାନ୍ସପୋର୍ଟ ନିକଟରେ ଥିବା ଅରିହନ୍ତ ଟେକ୍ସଟାଇଲ୍ସରେ କାମ କରୁଥିଲେ। ଏହି ଦୋକାନକୁ କମଲ ଜୈନ ଓ ତାଙ୍କର ୩ ପୁଅ ବୁଝାବୁଝି କରନ୍ତି। କିଛି ଦିନ ତଳେ ଦୋକାନ ମାଲିକଙ୍କ ପୁଅ ଖୁସ୍‌ବୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କାମରୁ ବାହାର କରିଦେଇଥିଲେ। ଗତ ୮ ତାରିଖରେ ଦୋକାନ ମାଲିକ ପୁଣି ଖୁସ୍‌ବୁଙ୍କୁ କାମ କରିବାକୁ ଡାକିଥିଲେ। ଘରର ଆର୍ଥିକ ଅବସ୍ଥା ଠିକ୍ ନ ଥିବାରୁ ଖୁସ୍‌ବୁ ଏହି ଦୋକାନରେ ପୁଣି କାମ କରିଥିଲେ। ତେବେ ସୋମବାର ଦୋକାନ ବନ୍ଦ ହେବା ସମୟରେ ଖୁସ୍‌ବୁ ହଠାତ କାହିଁକି ଷ୍ଟୋର ରୁମ୍‌ରେ ଆତ୍ମହତ୍ୟା କରିବ ବୋଲି ତାଙ୍କ ମା' ସୁକାନ୍ତି ପ୍ରଶ୍ନ କରିଛନ୍ତି। ଖୁସ୍‌ବୁଙ୍କ ବେକରେ ୩ଟି ଆଙ୍ଗୁଳି ଦାଗ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତି କରି ଉଦିତନଗର ପୋଲିସ ଏକ ମାମଲା (ନଂ.୧୭୪।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଏ ନେଇ ରାଉରକେଲା ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଖୁସ୍‌ବୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଭୋଇ କହିଥିଲେ।

# ଖଣି କର୍ମଚାରୀ-ଗ୍ରାମବାସୀ ମୁହାଁମୁହିଁ, ୫ ଆହତ

### ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ: ଥାନାଧିକାରୀ

**କୁତ୍ରା,୧୨।୭(ଡି.ଏନ.ଏ)** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଧୀନ କଣ୍ଡେଇମୁଣ୍ଡା ପଞ୍ଚାୟତ ତେଲିଘନାଠାରେ ଜେଏସ୍‌ଡବ୍ଲ୍ୟୁ କାରଖାନା ରହିଛି ଏବଂ ଖତକୁରବାହାଲରେ ଏହାର ଖଣି ଅଛି। ମଙ୍ଗଳବାର ଖଣି କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଛି। ଏଥିରେ ୫ ଜଣ ଖଣି କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁସାରେ, ଜେଏସ୍‌ଡବ୍ଲ୍ୟୁ ଖଣି ପକ୍ଷରୁ ବେଆଇନ ଭାବେ ବିସ୍ଫୋରଣ କରାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। ତେବେ ମଙ୍ଗଳବାର ପୁଣି ବିସ୍ଫୋରଣ ହେବାରୁ ଗ୍ରାମବାସୀ ଦୁଇଟି ଯାକ ଖଣି ଭିତରକୁ ପ୍ରବେଶ କରିଥିଲେ। ଫଳରେ ଖଣି କର୍ମଚାରୀଙ୍କ ସହିତ ସେମାନଙ୍କ ଗଣ୍ଡଗୋଳ ହୋଇଥିଲା। ଏଥିରେ ୫ ଜଣ ଖଣି କର୍ମଚାରୀ ଆହତ ହୋଇଥିଲେ। ଖବର ପାଇ କୁତ୍ରା ଥାନାଧିକାରୀ ସୁଶାନ୍ତ କୁମାର ପରିଡା ସଦଳବଳ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଘଟଣାକୁ ନେଇ ଖବର ଲେଖାହେବା ପର୍ଯ୍ୟନ୍ତ (ରାତି ସାଢେ ୮ଟା) କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୁତ୍ରା ଥାନାଧିକାରୀ ପରିଡାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କର କୌଣସି ଅଭିଯୋଗକୁ କର୍ଣ୍ଣପାତ କରୁନାହିଁ କି ଦାବିଗୁଡ଼ିକ ପୂରଣ କରୁନାହିଁ ବୋଲି ଏମ୍‌ଡି ସହାରୁକ, ଏମ୍‌ଡି ସବାନ, ଏମ୍‌ଡି ସାହିଦ, କ୍ରିଷ୍ଣା ସାହୁ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

### ଜିଏସ୍‌ଟି କର୍ମଶାଳା

**ରାଉରକେଲା ଅଫିସ,୧୨।୭** ରାଉରକେଲା ଚ୍ୟାମ୍ବର ଭବନ ପରିସରରେ ଚ୍ୟାମ୍ବର ଅଫ କମର୍ସ ପକ୍ଷରୁ ସଭାପତି ସୁବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ୪୭ତମ ଜିଏସ୍‌ଟି କାଉନସିଲିଂ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି କର୍ମଶାଳାରେ ବିଶ୍ୱଜିତ ପଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଏସ୍‌ଟି କର୍ମଶାଳାର ମହତ୍ତ୍ୱ ଓ ଜିଏସ୍‌ଟି ପୈଠ, ଜିଏସ୍‌ଟିର ନୂତନ ନିୟମ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ସଭାପତି ମହେଶ ଜି ଭାଜିର, ଦିବ୍ୟଜ୍ୟୋତି ଚକ୍ରବର୍ତ୍ତୀ, ପ୍ରମୋଦ କୁମାର ମୌରିଆ, ଜେ. ପି ମିତ୍ତଲ, ରାମକ୍ରିଷ୍ଣନ ମିଶ୍ରା, ବିଶ୍ୱଜିତ ପାଲ, ରୋହିତ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଚ୍ୟାମ୍ବର ଅଫ୍ କମର୍ସ ୪୦ ଜଣ ଯୋଗ ଦେଇଥିଲେ।

# ଦେବଗଡ଼ ସହରକୁ ବିଦ୍ୟୁତ୍ ସଂଯୋଗ ଦାବି

**ଦେବଗଡ଼,୧୨।୭(ଡି.ଏନ.ଏ.)** ସୁନାମୁଣ୍ଡାସ୍ଥିତ ଗ୍ରୀଡ ଷ୍ଟେଶନରୁ ଦେବଗଡ ସହରକୁ ବିଦ୍ୟୁତ୍ ତାର ସଂଯୋଗ କରିବା ପାଇଁ ଦେବଗଡ ପୌର ପରିଷଦର ଉପନଗରପାଳ ପ୍ରଜିତ କୁମାର ଭୋଜ ଏବଂ କାଉନ୍‌ସିଲରମାନେ ଦାବି କରିଛନ୍ତି। ଏ ନେଇ ଏକ ଦାବିପତ୍ର ଶକ୍ତି ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ବର୍ଷ ହେବ ଦେବଗଡ଼ ଜିଲାରେ ବିଦ୍ୟୁତ୍ ସମସ୍ୟା ଲାଗି ରହିଛି। ଏହାର ସମାଧାନ ଉଦ୍ଦେଶ୍ୟରେ ବଣିଆକିଲିଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁନାମୁଣ୍ଡାଠାରେ ୨୨୦/୩୩ କେ.ଭି. ସମ୍ପନ୍ନ ଗ୍ରୀଡ ସ୍ଥାପନ କରାଯାଇ ବହୁ ଦିନ ହେବ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି। କିନ୍ତୁ ବିଡମ୍ବନାର ବିଷୟ ସୁନାମୁଣ୍ଡାଠାରୁ ଦେବଗଡ ସହରସ୍ଥିତ ଗ୍ରୀଡ ସବଷ୍ଟେଶନକୁ ବିଦ୍ୟୁତ୍ ତାର ଟଣା ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସଂଯୋଗ ହୋଇପାରିନାହିଁ। ଫଳରେ ଜିଲାବାସୀ ଘୋର ଅସୁବିଧାର ସମ୍ମୁଖୀନ ହେବା ସହିତ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସୁନାମୁଣ୍ଡା ଗ୍ରୀଡରୁ ତୁରନ୍ତ ଦେବଗଡ ସହରକୁ ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ତମ୍ବା ଖମ୍ବ ଚୋରି ଘଟଣା

# ଅଭିଯୁକ୍ତ କୋର୍ଟଚାଲାଣ



ଚୋରି ଅଭିଯୁକ୍ତ ଅଜୟ କୁଜୁରଙ୍କୁ ପୋଲିସ କୋର୍ଟଚାଲାଣ କରୁଛି ।

**କୁଆଁରମୁଣ୍ଡା,୧୨।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧୀନ ବିଜାବାହାଲସ୍ଥିତ ପବନଜଏ ସ୍ପଞ୍ଜ୍ କାରଖାନାରୁ ତମ୍ବା ଖମ୍ବ ଚୋରି ଅଭିଯୋଗରେ ପୋଲିସ ମଙ୍ଗଳବାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କୁମଝରିଆ ପଞ୍ଚାୟତ ଲାସେ ଗ୍ରାମର ଅଜୟ କୁଜୁର(୩୪)। ଅଭିଯୁକ୍ତ ହାତୀବାରି ସ୍ଥିତ ନିଜ ଶ୍ୱଶୁର ଘରେ ଲୁଚିଥିବା ନେଇ ଫୋନ ଟ୍ରାକିଂରୁ ଜାଣି ପୋଲିସ ଅତର୍କିତ ଚଢାଉ କରି ତାଙ୍କୁ ଗିରଫ କରିଛି । ଏହି ଘଟଣାରେ ଆହୁରି ୮ ଜଣ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥିବା ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଥାଉକି, ଗତ ରବିବାର ଏହି ଚୋରି ଘଟଣାରେ ଖୁଖୁଣ୍ଟୁବାହାଲ ପଞ୍ଚାୟତ ସମିତି ସଭ୍ୟ ରୋଜିତ୍ ତିର୍କୀ(୩୪)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଡାଲମିଆ କଲେଜରେ ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମ

**କୁତ୍ରା,୧୨।୭(ଡି.ଏନ.ଏ)** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡାଲମିଆ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ଡ଼ଃ ହିରନ ଲୁଗୁନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କ ଶେଖର ବେଉରା, କୁତ୍ରା ଥାନାଧିକାରୀ ସୁଶାନ୍ତ କୁମାର ପରିଡା ଓ ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। କଲେଜକୁ ଆସୁଥିବା ନୂତନ ଛାତ୍ରୀଛାତ୍ରମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ଦେଖାଇବା ସହିତ ରାଗିଂ କଲେ କଣସବୁ ଆଇନ ବ୍ୟବସ୍ଥା ରହିଛି ସେ ବିଷୟରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହାସହ ନିଜ ନିଜ ଭିତରେ ଉତ୍ତମ ସମ୍ପର୍କ ସ୍ଥାପନ କରି ପାଠ ପଢି ବଡ଼ ମଣିଷ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କୁ ରାଗିଂ ଭଳି ହିନ କାର୍ଯ୍ୟରୁ ନିଜକୁ ଦୂରେଇ ରଖିବା ଓ ପାଠପଢା ପ୍ରତି ମନ ବଳାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ମହାବିଦ୍ୟାଳୟର ଆଣ୍ଟି ରାଗିଂ ସେଲ୍‌ର ଉପସଭାପତି ଆଶିଷ କୁମାର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।




ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବର୍ଷାରେ ଗଛ ଉପୁଡିଲା, ରାସ୍ତା ଅବରୋଧ**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଅଞ୍ଚଳରେ ସୋମବାର ରାତିରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ବର୍ଷାରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିବା ବେଳେ ବୋଡେନ ଆଶ୍ରମପଡାରେ ଏକ ବିରାଟ ନିଳଗିରି ଗଛ ଉପୁଡି ପଡିଛି। ଏଥିଯୋଗୁ ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ସୁରୁଜୀ ପ୍ରଧାନ, ରଘୁନାଥ ନାୟକ, ଭକ୍ତବତ୍ସଳ ଅଦାବର, ରବିନାରାୟଣ ଦାଶ, ରାମଚନ୍ଦ୍ର ବେହେରା ପ୍ରମୁଖ ଗଛ କାଟି ସଫା କରିବା ସହ ଅବରୋଧ ହଟାଇଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।



## ସଂକ୍ଷେପରେ

### ଲାଞ୍ଚ ନେଇ ଆଇସିଡିଏସ୍ ସୁପରଭାଇଜର ଗିରଫ



ଗିରଫ ସୁପରଭାଇଜର କୁନି ନାଏକ।

**ଲୋଇସିଂହା,୧୨।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ କେତେକ ଅଙ୍ଗନୱାଡି କର୍ମୀଙ୍କଠାରୁ ୧୯ହଜାର ୮ଶହ ଟଙ୍କା ଲାଞ୍ଚ ନେଇ ଜଣେ ସୁପରଭାଇଜର ମଙ୍ଗଳବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ଭରସୁଜା ଓ ରୋତ ସେକ୍ଟର ଦାୟିତ୍ୱରେ ଥିବା କୁନି ନାଏକ। ସମ୍ବଲପୁର ଭିଜିଲାନ୍ସ କେସ(ନଂ ୨୪/୨୨)ରେ ଏକ ମାମଲା ରୁଜୁ ହୋଇଛି। ୬ ଜଣ ଅଙ୍ଗନୱାଡି କର୍ମୀଙ୍କ କଣ୍ଟିଜେନ୍ସି ଓ ଅନ୍ୟାନ୍ୟ ପାଣ୍ଠି ଟଙ୍କା ରିଲିଜ ପାଇଁ ସୁପରଭାଇଜର ନାଏକଙ୍କୁ କହି ଆସୁଥିଲେ। ଏଥିପାଇଁ କର୍ମୀଙ୍କୁ ୧୯ ହଜାର ୮ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ କର୍ମୀମାନେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସୁପରଭାଇଜ ନଏକ ପାଣ୍ଡେସରା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସମ୍ପୃକ୍ତ କର୍ମୀମାନେ ସୁପରଭାଇଜର ନାଏକଙ୍କୁ ଉକ୍ତ କେନ୍ଦ୍ରରେ ଲାଞ୍ଚ ଟଙ୍କା ଦେବା ସମୟରେ ଛକି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲେ। ଡିଏସପି ପୁଲସ୍ତି ଛତ୍ରିଆଙ୍କ ନେତୃତ୍ୱରେ ବଲାଙ୍ଗୀର ଓ ସୋନପୁର ଭିଜିଲାନ୍ସ ଟିମ୍ ଚଢାଉରେ ସାମିଲ ଥିଲେ।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଜେଲ ଗଲେ ଯୁବକ

**ଲାଠୋର,୧୨।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ଖର୍ଲି ଗ୍ରାମର ମାଳତୀ ବାଗଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଗାଁର ତରଣୀ ଖର୍ସେଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ମଙ୍ଗଳବାର ଜେଲ ହାଜତକୁ ପଠାଇ ଦିଆଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତରଣୀ ତାଙ୍କ ମା'ଙ୍କୁ ଅକ୍ରମଣ କରିଥିବା ମାଳତୀଙ୍କ ପୁଅ ମୁକେଶ ବାଗ ତୁରେକେଲା ଥାନାରେ ଅଭିଯୋଗ କରିଥିଲେ। ମୁକେଶଙ୍କ କହିବା ଅନୁସାରେ ତରଣୀଙ୍କ ପରିବାର ସହ ତାଙ୍କ ପରିବାରର ଗତ ଏକବର୍ଷ ହେବ ବିବାଦ ଲାଗି ରହିଛି। କୌଣସି କାରଣ ନ ଥାଇ ରବିବାର ଅପରାହ୍ନରେ ତରଣୀ ଏକ ଟାଙ୍ଗିଆ ଧରି ତାଙ୍କ ଘର ସମ୍ମୁଖକୁ ଆସିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ପ୍ରତିବାଦ କରିବାରୁ ମାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ମାଙ୍କୁ ସୁରକ୍ଷା ଦେବାକୁ ଗଲାବେଳେ ତାଙ୍କୁ ମାରିବାକୁ ଗୋଡାଇବାରୁ ସେ ଜୀବନ ବଞ୍ଚାଇ ସେଠାରୁ ଖସି ଯିବାରେ ସକ୍ଷମ ହୋଇଥିବା ଏତଲାରେ ଦର୍ଶାଇଛନ୍ତି। ଏତଲାକୁ ଭିତ୍ତି କରି ତୁରେକେଲା ଥାନା ପୋଲିସ ଏକ ମାମଲା(୧୦୮/୨୨) ରୁଜୁ କରି ଅଭିଯୁକ୍ତ ତରଣୀଙ୍କୁ ଗିରଫ କରିଥିଲା। ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆ ଜବତ ହୋଇଛି ବୋଲି ଥାନା ଅଧିକାରୀ ପ୍ରଣୟ ମୁର୍ମୁ କହିଛନ୍ତି।

### ଅଭିନବ ଉପାୟରେ ମୋବାଇଲ ଲୁଟ୍

**ଦେଓଗାଁ,୧୨।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ଓ ନୂଆପାଲି ଛକରୁ ଅଭିନବ ଉପାୟରେ ମୋବାଇଲ ଫୋନ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି। ସୋମବାର ଦେଓଗାଁ ଡିଗ୍ରୀ କଲେଜର ଜନୈକ ଛାତ୍ରୀ ମୋବାଇଲରେ କଥା ହୋଇ ଗାଇବାହାଲ ପଟକୁ ଯାଉଥିବାବେଳେ ୨ଜଣ ଯୁବକ ଫୋନ ଛଡାଇ ନେଇ ଭୁତିଆରବାହାଲ ପଟକୁ ଫେରାର ହୋଇ ଯାଇଥିଲେ। ସେପରି ଉପରଝରର ଗୋକୁଳ ମାଝି ନୂଆପାଲି ଛକଠାରେ ଛିଡା ହୋଇଥିବାବେଳେ ୨ଜଣ ଯୁବକ ଆସି ଜରୁରୀ ଫୋନ କରିବାପାଇଁ ଅନୁରୋଧ କରିଥିଲେ। ନମ୍ବର ଲଗାଇ ଫୋନ ଧରାଇ ଦେବାପରେ କଥା ହେବା ବାହାନାରେ ମୋବାଇଲ ନେଇ ଆଟଗାଁ ପଟକୁ ଚମ୍ପଟ ମାରିଥିଲେ। ଦୁଇ ଦିନ ମଧ୍ୟରେ ଦୁଇଟି ପୃଥକ ଜାଗାରୁ ଫୋନ ଲୁଟ୍ ହେବା ପଛରେ ଏକ ର୍‍ୟାକେଟ କାମ କରୁଛି ବୋଲି ସାଧାରଣରେ ଆଲୋଚନା ବିଷୟ ହୋଇଛି।

# କାମରେ ଆସୁନି ବାତ୍ୟା ଆଶ୍ରୟସ୍ଥଳୀ

**ସିନାପାଲି,୧୨।୭(ଡି.ଏନ.ଏ.)**

■ନଦୀରୁ ମାତ୍ର ୩୦ ଫୁଟ ଦୂରରେ ନିର୍ମାଣ ହୋଇଛି

■ବନ୍ୟା ଜଳ ଅନାୟାସରେ ବାତ୍ୟା ଆଶ୍ରୟସ୍ଥଳୀକୁ ମାଡୁଛି



ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବୋଟୋପାଲିଠାରେ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡିଆଳ ଡିଭିଜନ ଦ୍ୱାରା ନିର୍ମିତ ଏହି ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୃକ୍ତ ବିଭାଗର ଦୂରଦୃଷ୍ଟିର ଅଭାବରୁ ଅହିଲାଟ ନଦୀ ଓ ସାହାଯ ଜୋରର ଅବବାହିକାରେ ମାତ୍ର ୩୦ ଫୁଟ ଦୂରରେ ତିଆରି ହୋଇଛି। ଫଳରେ ଏହି ଦୁଇ ନଦୀରେ ବନ୍ୟା ଜଳ ପ୍ରବାହିତ ହେଲେ ବନ୍ୟା ଜଳ ଅନାୟାସରେ ବାତ୍ୟା ଆଶ୍ରୟସ୍ଥଳୀକୁ ମାଡି ଯାଇପାରୁଛି। ଫଳରେ ବନ୍ୟାବିପନ୍ନଙ୍କୁ ଆଶ୍ରୟ ଦେବା ଉଦ୍ଦିଷ୍ଟରେ ନିର୍ମିତ ଏହି ଆଶ୍ରୟସ୍ଥଳୀ ବନ୍ୟା ବିପନ୍ନଙ୍କୁ କିପରି ଆଶ୍ରୟ ଦେବ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ମଙ୍ଗଳବାର ସିନାପାଲି ବିଡିଓ ସଦାଶିବ ନାଏକ, ତହସିଲଦାର ଲୋକନାଥ ଶବରଙ୍କ ସମେତ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏଠାରେ ତୁରନ୍ତ ପ୍ରୋଟେକ୍ସନ ୱାଲ ନିର୍ମାଣ କରାଯିବ ବୋଲି ବିଡିଓ ନାଏକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ ଅନ୍ତର୍ଗତ ବୋଟିପାଲି ଗ୍ରାମର ଚତୁଃପାର୍ଶ୍ୱରେ ଅହିଲାଟ ନଦୀ ଓ ସାହାଯ ଜୋର ସହିତ ଉଦନ୍ତୀ ନଦୀ ପ୍ରବାହିତ ହେଉଛି। ବନ୍ୟାଜଳ ପ୍ରବାହିତ ହେଲେ ଏହି ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥାଏ। ସୋମବାରଠାରୁ ଅହିଲାଟ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ସକାଳୁ ଦୁଇ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ବନ୍ୟା ବିପଦ ଦେଖାଦେଇ ନ ଥିଲେ ମଧ ବର୍ଷା ଲାଗି ରହିଲେ ଏଠାରେ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏଠାରେ ଖୋଲା ଯାଇଥିବା ନଳକୂପ ଭୁଷୁଡି ଯାଇଥିବା ବେଳେ ମୋଟର ମଧ ଅକାମୀ ହୋଇ ପଡ଼ିଛି। ନଦୀ କୂଳରେ ନିର୍ମିତ ହୋଇଥିବାରୁ ବନ୍ୟା ଜଳ ଆଶ୍ରୟ ସ୍ଥଳୀରେ ପଶୁଛି। ତୁରନ୍ତ ଏଠାରେ ସୁରକ୍ଷା ପାଇଁ ପ୍ରୋଟେକ୍ସନ ୱାଲ ନିର୍ମାଣ ନ ହେଲେ ଏହା ବନ୍ୟାବିପନ୍ନଙ୍କ କୌଣସି କାର୍ଯ୍ୟରେ ଆସିପାରିବ ନାହିଁ।

# ଧବଳେଶ୍ୱର କଟା ସଫେଇ କଲେ ଗ୍ରାମବାସୀ



ଧବଳେଶ୍ୱର କଟାକୁ ଗ୍ରାମବାସୀ ଶ୍ରମଦାନ କରି ସଫେଇ କରୁଛନ୍ତି।

**ଦେଓଗାଁ,୧୨।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ଟେପ୍ରେନ ଗ୍ରାମରେ ଥିବା ଧବଳେଶ୍ୱର କଟା ଦୀର୍ଘ ଦିନ ହେଲା ସଫେଇ ହୋଇ ନ ଥିଲା। ଫଳରେ ସ୍ନାନଶୌଚ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ପୁନରୁଦ୍ଧାର ପାଇଁ ପ୍ରଶାସନିକ ପଦକ୍ଷେପ ବିଳମ୍ବ ହେବାରୁ ମଙ୍ଗଳବାର ଗାଁର ଯୁବ ଗୋଷ୍ଠୀ ଏକତ୍ରିତ ହୋଇ ନିଜ ଉଦ୍ୟମରେ ସଫେଇ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ସରପଞ୍ଚ ତଥା ଗାଁର ବାସିନ୍ଦା ଗୋପାଳ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବଗୋଷ୍ଠୀ ଉକ୍ତ କଟାରେ ରହିଥିବା ପୁର୍ଣ୍ଣିପତ୍ର ଓ ଅନ୍ୟାନ୍ୟ ଅନାବନା ଲଟା ସଫେଇ କରିଥିଲେ। ତେବେ ଆଗାମୀ ଦିନରେ ଏହି କଟାର ମାଟି ଉଦ୍ଧାର କାର୍ଯ୍ୟ କରାଯିବା ପାଇଁ ପଞ୍ଚାୟତ ତରଫରୁ ପଦକ୍ଷେପ ନିଆଯିବ ବୋଲି ସରପଞ୍ଚ ମିଶ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଭିକାରୀ ସେଲମା, ଅନ୍ତ କଅଁର, ଜୟଦେବ ସିଂନିନା, ମାଷ୍ଟର ପୋଢ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ସ୍ଥାୟୀ ରାସ୍ତା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ କୁହିମୁଣ୍ଡା ବାସୀ।

**ଦେଓଗାଁ,୧୨।୭(ଡି.ଏନ.ଏ)**

**କୁହିମୁଣ୍ଡା ଗାଁକୁ ରାସ୍ତା ନିର୍ମାଣ ପ୍ରସଙ୍ଗ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅଧୀନ କୁହିମୁଣ୍ଡା ଗାଁକୁ ରାସ୍ତା ନାହିଁ। ଏପରିକି ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାକୁ ହେଲେ ଦୁଇ କିଲୋମିଟର ଖଟିଆରେ ବୋହିବାକୁ ପଡୁଛି। ଚଳିତ ପଞ୍ଚାୟତ ନିର୍ବାଚନରେ ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ଗ୍ରାମବାସୀ ଡାକରା ଦେଇ ଗାଁକୁ ନେତା ବା ପ୍ରଶାସନକୁ ପୂରାଇ ଦେବୁ ନାହିଁ ବୋଲି ଉଭୟ ପଟେ ବାଉଁଶ ବାଡ ଦେଇଥିଲେ। ଦେଓଗାଁ ତହସିଲଦାର ଯୁଗଳ କିଶୋର ସାହୁ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ରାସ୍ତା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବ୍ଲକ ପ୍ରଶାସନର ପ୍ରତିଶ୍ରୁତିକୁ ଗାଁ ଲୋକେ ବିଶ୍ୱାସକୁ ନେଇ ନ ଥିଲେ। ପରେ ବଲାଙ୍ଗୀର ଉପଜିଲାପାଳ ଲମ୍ବୋଦର ଧରୁଆ ୨୦୨୨ ଫେବୃୟାରୀ ୧୫ତାରିଖରେ ଗାଁରେ ପହଞ୍ଚି ରାସ୍ତା ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତିରୁ ଓହରିଥିଲେ। ହେଲେ ନିର୍ବାଚନ ସରିଗଲା ପରେ କାହାରି ଦେଖାନାହିଁ। ପ୍ରଶାସନର ପ୍ରତିଶ୍ରୁତି ପାଣିରଗାର ସାଜିଛି। ଏଣୁ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି। ଉକ୍ତ ଗାଁକୁ ରାସ୍ତା ନିର୍ମାଣ ପାଇଁ ୯ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଆସିଛି। ହେଲେ ପ୍ରଶାସନର ଉଦାସୀନତା ଯୋଗୁଁ ପାଞ୍ଚ ବର୍ଷ ହେଲା ଖର୍ଚ୍ଚ ନ ହୋଇ ପଡିରହିଛି। ତେବେ ଏ ଦିଗରେ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜରାସିଂହା ବୁଢୀଆଇଙ୍କ କାଦୋଯାତ୍ରା ଆଜି

**ଦେଓଗାଁ,୧୨।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଗାଁ ମଝିସ୍ଥିତ ବୁଢୀଆଇ ମନ୍ଦିର ପ୍ରାଙ୍ଗଣରେ ବୁଧବାର ବୁଢୀଆଇଙ୍କ ପ୍ରସିଦ୍ଧ କାଦୋଯାତ୍ରା। କରୋନା କଟକଣା ଯୋଗୁଁ ଗତ ଦୁଇବର୍ଷ ହେଲା ଏହି ଯାତ୍ରା ବିନା ଭକ୍ତ ଗହଣରେ କେବଳ ରୀତିନୀତି ପୂର୍ବକ ଅନୁଷ୍ଠିତ ହେଉଥିଲା । ଚଳିତ ବର୍ଷ କଟକଣା କୋହଳ ରହିଥିବାରୁ ଏହି ଯାତ୍ରା ଭକ୍ତ ସମାଗମରେ ହେବାକୁ ଥିବାରୁ ଅଞ୍ଚଳରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସୋମବାର ରାତିରେ ଗୋରସ ରୁକା ଓ ମଙ୍ଗଳବାର ରାତିରେ ସେରନି ବଟା ପର୍ବ ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳ ୯ ଟାରେ ବତିଶ ଦେହୁଲିଙ୍କ ତତ୍ତ୍ୱାବଧାନରେ ଯାତ୍ରା ଅନୁଷ୍ଠିତ ହେବ। ପଶୁ ବଳି ପରମ୍ପରା ମଧ୍ୟ ରହିଛି। ଯାତ୍ରାକୁ ପରିଚାଳନା କମିଟି ସମ୍ପାଦକ ରାଜ କିଶୋର ସେଠ, କୋଷାଧ୍ୟକ୍ଷ ଅଂଶୁମାନ କର୍ତ୍ତା, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ ଓ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନର ସମସ୍ତ କର୍ତ୍ତା ସହଯୋଗ କରୁଛନ୍ତି।

# ଡାକ୍ତରଙ୍କୁ ଆକ୍ରମଣ, ଥାନାରେ ଏତଲା

**ଖଡ଼ିଆଳ,୧୨।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦ କାର୍ଯ୍ୟ ସାରି ସରକାରୀ କାର୍ଯ୍ୟ ନେଇ ଆସୁଥିବା ବେଳେ ଖଡ଼ିଆଳ ବ୍ଲକ ଛକଠାରେ ପୂର୍ବରୁ ଜଗି ରହିଥିବା ଜଣେ ବ୍ୟକ୍ତି ପୁଅକୁ ମାରି ଦେଲ କହି ଚପଲରେ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଫଳରେ ମହାନନ୍ଦଙ୍କ ବେକରେ ଆଘାତ ଲାଗିଛି। ଅଳ୍ପକେ ବର୍ତ୍ତି ଯାଇଛନ୍ତି ସ୍ୱାସ୍ଥ୍ୟ ଅଧିକାରୀ ଡ. ଦୀନବନ୍ଧୁ ମହାନନ୍ଦ। ଆକ୍ରମଣ କରିଥିବା ଯୁବକ ଜଣକ ବାରେଶବାହାଲି ଗ୍ରାମର ଜୁଧେସ ମୁଣ୍ଡାରି ନାମକ ବୋଲି ଜଣାପଡ଼ିଛି। ଖଡ଼ିଆଳ ଥାନାରେ ଡାକ୍ତର ମହାନନ୍ଦ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୨୫୨/୨୨) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ଏହାର ଏକ ଭିଡିଓ ମଧ୍ୟ ଭାଇରଲ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ହଲୁଆପାଲି ଗାଁକୁ ସାଡା ଯୋଜନାରେ ସାମିଲ କର

**ନୂଆପଡ଼ା ଅଫିସ,୧୨।୭**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଦୁର୍ଗମ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ହଲୁଆପାଲି ଗାଁ। ଏହି ଗାଁକୁ ସାମାଜିକ କ୍ଷେତ୍ର ବିକାଶ ପ୍ରାଧିକରଣ (ସାଡା) ଯୋଜନାରେ ସାମିଲ ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅଭୟାରଣ୍ୟର ଏକନଗୋଡିଆ ଓ ବୋଙ୍ଗାଘାଟି ମଧ୍ୟ ଭାଗରେ ଅବସ୍ଥିତ ହଲୁଆପାଲି ଗାଁରେ କେବଳ ଆଦିବାସୀ ଓ ହରିଜନ ଜାତିର ଲୋକେ ବାସ କରନ୍ତି। ୮ଶହ ଜନସଂଖ୍ୟା ଥିବା ବେଳେ ୪୦ ପରିବାର ଏକ ଝାଟିମାଟି ଚାଳଛପର ଘରେ ପୂର୍ବ ପୁରୁଷରୁ ରହି ଆସୁଛନ୍ତି। ସେଠାରେ କୌଣସି କାମଧନ୍ଦା ମିଳୁ ନ ଥିବାରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି। କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୁନାବେଡା, ସୋସେଙ୍ଗ ପଞ୍ଚାୟତର ଛୋଟବଡ ୫୨ଟି ଗାଁକୁ ଏବଂ ପାହାଡତଳି ମିଛାପଲି ପଞ୍ଚାୟତର କେତୋଟି ଗାଁକୁ ଚୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ସାଡା ଯୋଜନାରେ ସାମିଲ କରି ଅନେକ ଯୋଜନାର ଲାଭ ପାଉଛନ୍ତି। ହଲୁଆପାଲି ଗାଁ ଅଭୟାରଣ୍ୟ ଭିତରେ ଥାଇ ମଧ୍ୟ କୌଣସି ସୁବିଧା ପାଉ ନାହାନ୍ତି। ବର୍ତ୍ତମାନ ସୁଦ୍ଧା ଗାଁରେ ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗ ରହିଥିବା ବେଳେ ଗାଁର ଅଧିକାଂଶ ଲୋକଙ୍କୁ ଆବାସ ଗୃହ ମିଳି ନ ଥିବା ଅଭିଯୋଗ ହୋଇଛି। ଗାଁରେ ବିଜୁଳି ଥାଇ ମଧ୍ୟ ନ ଥିଲା ସାଙ୍ଗେ ସମାନ। ଥରେ ଚାଲି ଗଲେ ମାସ ମାସ ଧରି ଆଉ ବିଜୁଳି ଆସେ ନାହିଁ। ଦୀର୍ଘ ଦୁଇ ବର୍ଷ ହେଲା ଗାଁରେ ପାଇପ ବିଛା ଯାଇ ଷ୍ଟାଣ୍ଡ ପଏଣ୍ଟ ତିଆରି କରାଯାଇଛି। ହେଲେ ଦିନେ ମଧ୍ୟ ପାଇପରେ ପାଣି ଆସିନାହିଁ। ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା କଥା ନ କହିବା ଭଲ। ଯେଉଁମାନେ ସାଡା ଯୋଜନାରେ ସାମିଲ ଅଛନ୍ତି, ସେମାନେ ଏହି ସବୁ ପାଇବା ସାଙ୍ଗେ ଅନ୍ୟ ଯୋଜନା ମଧ୍ୟ ପାଉଛନ୍ତି। ହଲୁଆପାଲି ଗାଁକୁ ସାଡା ଯୋଜନାରେ ସାମିଲ କରାଗଲେ ସମସ୍ତ ସୁବିଧାର ଲାଭ ପାଇପାରିବୁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଗାଁର ଯୁଜେଷ୍ଟିର ମାଝି, ପବିତ୍ର ମାଝି, ପଦ୍ମ ଚରଣ ମାଝି, ଉଭା ମାଝି, କହ୍ଲେଇ ମାଝି, ବିଶେଷନ ମାଝି, ଧରସିଂ ମାଝି,ଜୟ ପ୍ରକାଶ ମାଝି, ଲାଲମନ ମାଝି, ଭିକରାମ ମାଝି, ପୂର୍ଣ୍ଣଚନ୍ଦ୍ର ମାଝି, ପାର୍ବତୀ ମାଝି, ପଣ୍ଟୁ ହରିଜନ, ଲଳିତା ମାଝି, ଗୋବର୍ଦ୍ଧନ ମାଝି ପ୍ରମୁଖ ସାଡା ଯୋଜନାରେ ସାମିଲ ପାଇଁ ଦାବି କରିଛନ୍ତି।

## ଚନ୍ଦ୍ରମା ଲୁହାସିଂହା କୃଷି ସମବାୟ ସମିତି ଉପସଭାପତି ନିର୍ବାଚିତ

**ଖପ୍ରାଖୋଲ, ୧୨।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପ ସଭାପତିଭାବେ ଚନ୍ଦ୍ରମା ମେହେର ଜଣେ ମାତ୍ର ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିଚିତ ହୋଇଥିଲେ। ନିର୍ବାଚନ ଅଧିକାରୀଭାବେ ନୀଳାମ୍ବର ମାଝି ଯୋଗଦେଇଥିଲେ। ସମିତିସମ୍ପାଦକଶ୍ରୀପତି ଭୋଇ, ଡିଇଓ ଯଦୁମଣି ରାଣା ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସଭାପତି କନ୍ଦର୍ପ ସୁଆର, ରାଜକିଶୋର ମେହେର, ଜୟନ୍ତ ମେହେର ପ୍ରମୁଖ ଡ଼ାଇରେକ୍ଟର ଉପସ୍ଥିତ ଥିଲେ।

# ନୂତନ ପଞ୍ଚାୟତ କୋଠା ଉଦ୍‌ଘାଟିତ



ମୁକୁନ୍ଦପୁର ପଞ୍ଚାୟତର ନୂତନ କୋଠା ଉଦ୍‌ଘାଟନ କରାଯାଉଛି।

**ଦେଓଗାଁ,୧୨।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁରରେ ମଙ୍ଗଳବାର ନୂତନ ପଞ୍ଚାୟତ କୋଠା ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବୀରେନ୍ଦ୍ର କୁମାର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ସାହୁ, ସମ୍ମାନୀତ ଅତିଥି ସମିତି ସଭ୍ୟ ଅଭିମନ୍ୟୁ ମାଝି, ନାଏବ ସରପଞ୍ଚ ଭଗବାନ ବଗର୍ତ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଗୋବର୍ଦ୍ଧନ ସାହୁ, ରାଜେଶ ନାଏକ, ସୁଦାମ ପଧାନ, ନନ୍ଦି କିଶୋର ନାଏକ, ସୁଦାମ ପଟେଲ, ପିତବାସ ବିଶି, କ୍ଷମା ମହାକୁର, ମୋହନ ସାହୁ, ଗୁଦାମ ସାହୁ ଓ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

# ଧୋଇଗଲା ଆପ୍ରୋଚ୍ ରୋଡ୍

**ଜୁନାଗଡ-ଧର୍ମଗଡ ଯୋଗାଯୋଗ ବିଚ୍ଛିନ୍ନ**

**ଜୁନାଗଡ,୧୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ–ଧର୍ମଗଡ ମୁଖ୍ୟ ରାସ୍ତାର ବଣ୍ଡାକୁଟ୍ରା ନିକଟରେ ଥିବା ହାଲେର ଜୋରରେ ମଙ୍ଗଳବାର ମଧ୍ୟାହ୍ନରୁ ବଢି ପାଣି ପ୍ରବାହିତ ହୋଇଛି। ତେବେ ସେଠାରେ ଚାଲିଥିବା ନୂତନ ପୋଲ କାମ ଅଧାପନ୍ତିରିଆ ଅବସ୍ଥାରେ ରହିଥିବାରୁ ନିକଟରେ କରାଯାଇଥିବା ଆପ୍ରୋଚ ରାସ୍ତା ପୋଲ ବଢି ପାଣି ଧୋଇ ନେଇଛି। ଫଳରେ ଜୁନାଗଡ–ଧର୍ମଗଡ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହ ରାସ୍ତା ୧୩୦ସି ଜାତୀୟ ରାଜପଥ ହୋଇଥିବାରୁ ଏହା ଛତିଶଗଡ ରାଜ୍ୟ ଦେଭୋଗକୁ ସଂଯୋଗ କରୁଛି। ବର୍ତ୍ତମାନ ମୁଖ୍ୟ ରାସ୍ତା ଧୋଇ ନେଇଥିବାରୁ ଧର୍ମଗଡ ଓ ଜୁନାଗଡ ବ୍ଲକର ଲୋକେ ଝାରକୁଣ୍ଡାମାଳ ବୁଲାଣି ରାସ୍ତା ଦେଇ ଯାତାୟାତ କରୁଛନ୍ତି।



ହାଲେର ଜୋରର ଆପ୍ରୋଚ ରାସ୍ତା ଧୋଇ ନେଇଛି।

# ବିଜୁ ଏକ୍ସପ୍ରେସ୍ ୱେ ମାଟି ଧସିଲା

**କୋକସରା,୧୨।୭(ଡି.ଏନ.ଏ.)**

**ନିମ୍ନମାନର କାର୍ଯ୍ୟ ଅଭିଯୋଗ**



ବେହେରା ନଦୀ ପୋଲ ରାସ୍ତା କଡରେ ଗର୍ତ୍ତ ହୋଇଛି।

କଳାହାଣ୍ଡି ଜିଲା ଶେଷ ସୀମା ଆମପାଣିଠାରୁ ବିଜୁ ଏକ୍ସପ୍ରେସ ୱେ ଆରମ୍ଭ ହୋଇ ନୂଆପଡା ଜିଲାକୁ ସଂଯୋଗ କରୁଛି। ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟ ହେଉଥିବା ବେଳେ ପୂର୍ବରୁ ନିର୍ମାଣ ହୋଇଥିବା ଦୁଇ ଲାଇନ ବିଶିଷ୍ଟ ରାସ୍ତା କୋକସରା ବ୍ଲକ ଭୁର୍ଷାଗୁଡା ଘଣ୍ଟିଗୁଡା ମଝିରେ ରହିଥିବା ବେହେରା ନଦୀ ପୋଲ କଲଭର୍ଟ ଚଳିତ ବର୍ଷର ପ୍ରଥମ ବର୍ଷା ବନ୍ୟାରେ ମାଟି ଧୋଇଯାଇଛି। ଫଳରେ ରାସ୍ତା ଉପରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଖବର ପାଇ ପୂର୍ତ୍ତ ବିଭାଗୀୟ ଅଧିକାରୀ ପହଞ୍ଚି ରାସ୍ତା ସିଲ କରିବା ସହ ମରାମତି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ବିଭାଗୀୟ ଇଂଜିନିୟରଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ରାସ୍ତା ନିମ୍ନମାନର କାମ ଯୋଗୁ ବର୍ଷା ପାଣିରେ ଧୋଇ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଘଟଣାସ୍ଥଳରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଉପସ୍ଥିତ ରହି ମରାମତି କାର୍ଯ୍ୟ ତଦାରଖ କରୁଥିବା ଜଣାପଡିଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ନବ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ବେହେରା ନଦୀରେ ପ୍ରବଳ ମାତ୍ରାରେ ବର୍ଷା ପାଣି ପ୍ରବାହିତ ହେବାରୁ ମାଟି ଧୋଇ ରାସ୍ତା ଗୋଟିଏ କଡ଼ରେ ଗର୍ତ୍ତ ହୋଇଛି। ମରାମତି ଚାଲିଛି, ସକାଳ ସୁଦ୍ଧା ଯାତାୟାତ ସ୍ୱାଭାବିକ ହେବ ବୋଲି କହିଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୩ ଜୁଲାଇ, ୨୦୨୨



## ଶ୍ରୀଅରବିନ୍ଦ ଜୟନ୍ତୀରେ ପାଠଚକ୍ର

ବରପାଲି,(ଡି.ଏନ.ଏ.): କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରା ଦେଶରେ ଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ ତମ ଜୟନ୍ତୀ ପାଳନ କରାଯାଉଛି। ଏହି ଅବସରରେ ମଙ୍ଗଳବାର ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ବରପାଲିର ବିଭିନ୍ନ ସ୍କୁଲରେ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଛି । ପୂର୍ବାହ୍ନ ୧୧.୪୫ରେ ରେମତା ହାଇସ୍କୁଲ, ସାଢେ ୨ଟାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସନ୍ଧ୍ୟାରେ ଲିଟଲ ଆଞ୍ଜେଲସ ପବ୍ଲିକ ସ୍କୁଲରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। କଟକ ଡାଲିଯୋଡ଼ାରୁ ଆସିଥିବା ସାଧକ ପ୍ରଭାତ ଭାଇଙ୍କ ସମେତ ବରପାଲି ପାଠଚକ୍ରର ସୁବୋଧ ମହାରଣା, ସୁବଳ ମାଝୀ ପ୍ରମୁଖ ଯୋଗ ଦେଇ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ପୟୋଧର ମହାକୁଲ ବହିରା ସେବା ସମବାୟ ସମିତି ସଭାପତି ନିର୍ବାଚିତ

ବାଉଁଶୁଣୀ,୧୨।୭(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ସେବାସମବାୟ ସମିତି ସଭାପତିଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପୟୋଧର ମହାକୁଲ ଲଗାତର ତୃତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ନିର୍ବାଚିତ ହେବା ପରେ ବହିରା, ଅଇଁଳାପାଲି, ଗୋଛାପଡା, ବ୍ରାହ୍ମଣୀପାଲି ପଞ୍ଚାୟତ ଚାଷୀଙ୍କ ମଧରେ ଆନନ୍ଦର ଲହରୀ ଖେଳି ଯାଇଛି। ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବହିରା ସରପଞ୍ଚ ଯଯାତି କେଶରୀ ମହାଲି, ରମେଶ ପ୍ରସାଦ ସାହୁ, ଶିବ ପ୍ରସାଦ ଗାଈଗୌରିଆ, ଗୁପ୍ତେଶର ବେହେରା, ରାଜେନ୍ଦ୍ର କୁମାର ମେହେର, ପ୍ୟାରୀମୋହନ ନାୟକ ଗୋପୀନାଥ ମେହେର,ସାନ ବେହେରା, ଶେଷଦେବ କ୍ଷେତି, ସୁଶାନ୍ତ ବାଘ, ଯୀଶୁ ପ୍ରଧାନ, ପଞ୍ଚାନନ ସାହୁ ପ୍ରମୁଖ ଫଳାଫଳ ଘୋଷଣା ସମୟରେ ଉପସ୍ଥିତ ଥିଲେ । ନିର୍ବାଚନ ଅଧିକାରୀଭାବେ ଗୋବିନ୍ଦ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସମିତି ସମ୍ପାଦକ ପ୍ରଦୀପ ପାତ୍ର କାଯ୍ରକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅତାବିରା ମତ୍ସ୍ୟଚାଷୀ ସମ୍ମାନିତ

ସରଣ୍ଡା,୧୨।୭(ଡି.ଏନ.ଏ.): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କୌଶଲ୍ୟାଗଙ୍ଗ ସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା) ଠାରେ ୨୨ତମ 'ଜାତୀୟ ମତ୍ସ୍ୟଚାଷୀ ଦିବସ' ପାଳନ ଅବସରରେ ବରଗଡ ଜିଲା ଅତାବିରା ବ୍ଲକ ଭୋଇପୁରା ଗ୍ରାମର ଚାଷୀ ଗଣେଶ୍ୱର ରାଓଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ୧୫ଜଣ ମତ୍ସ୍ୟ ମତ୍ସ୍ୟ ଚାଷୀ ଓ ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସସ୍ମିତା ସାମନ୍ତ, ପ୍ରାକ୍ତନ ମତ୍ସ୍ୟ ଓ ଜଳଜୀବ କ୍ଷେତ୍ର ଯୋଜନା ଓ ସିଫା (ମୁମ୍ବାଇ)ର ପୂର୍ବତନ କୁଳପତି ଡ. ଦିଲୀପ କୁମାର, ସିଫାର ପୂର୍ବତନ ପ୍ରଧାନ ବୈଜ୍ଞାନିକ ଡ. କେ. ଏଜ ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଜି. ଏସ. ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୧୨।୭(ଡି.ଏନ.ଏ.): ଓଡିଶା ରାଜ୍ୟ କୃଷକ ସଙ୍ଗଠନର ଏକ ବୈଠକ ଅତାବିରା ମାର୍କେଟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁବାଷ ବିଶ୍ୱାଳ, କାର୍ଯ୍ୟାଳୟ ସମ୍ପାଦକ କୀର୍ତ୍ତନ ବିଶ୍ୱାଳ, ସୁରେଶ କର୍ଣ୍ଣ, ସମୀର ପଧାନ, ବୁଦ୍ଧଦେବ ନନ୍ଦ, ଟିକେଲାଲ ମିଶ୍ର, ରାମ ବାବୁ, ନରେନ୍ଦ୍ର ଭୋଇ, ଅଶ୍ୱିନୀ ତ୍ରିପାଠୀ, ଦଶରଥ ଭୋଇ, ଭୁବନ ପଧାନ, ଭରତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ଚାଷ ସମୟରେ ଦେଖାଯାଉଥିବା ସାର ଅଭାବ, ମାର୍କେଟର ଭିତ୍ତିଭୂମି, ଚାଷୀ ପଞ୍ଜୀକରଣ ସମୟରେ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୁଧବାର ଏକ ଚାଷୀ ପ୍ରତିନିଧି ଦଳ ଏ ସମସ୍ତ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆର୍କଷଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ଗଣେଶପୂଜା ପ୍ରସ୍ତୁତି ବୈଠକ

ଡୁଙ୍ଗୁରିପାଲି,୧୨।୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଆରଏମସି ସ୍ଥିତ ଶିବାନନ୍ଦ କ୍ଲବର ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ଆସନ୍ତା ଅଗଷ୍ଟ ୩୧ତାରିଖରେ ହେବାକୁ ଥିବା ଗଣେଶ ପୂଜା ନେଇ ଆଲୋଚନା ହୋଇଥିଲା। କ୍ଲବ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଏ ବର୍ଷ ମଧ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। କୋରୋନା ମହାମାରୀ ଯୋଗୁ ଗତ ଦୀର୍ଘ ଦୁଇବର୍ଷ ପରେ ହେବାକୁ ଥିବା ଗଣେଶ ପୂଜାକୁ ଚଳିତ ବର୍ଷ ଧୁମଧାମରେ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା କରିଥିଲା। ବିଭିନ୍ନ ଲୋକଦଳ, ଭଜନ କୀର୍ତ୍ତନ, ଘଣ୍ଟ ବାଦ୍ୟ ଓ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯିଥିଲା। ଗଣେଶ ପୂଜା କମିଟି ସମ୍ପାଦକଭାବେ ଇନ୍ଦ୍ର ମେହେର, ଉପ ସଭାପତି ବୀରେନ୍ଦ୍ର ଭୋଇ, ଜୟନ୍ତ ସେଠୀ, ଜୀବର୍ଦ୍ଧନ ମହାଲିଙ୍ଗ, ରାମରତନଲାଲ ବର୍ଗେ, ଜ୍ୟୋତି ମିଶ୍ର, ଲବ ପଧାନ, ଅମୂଲ୍ୟ ବେହେରା, ସୁବୋଧ ମହାଲିଙ୍ଗ, ମହେଶ ପାଣିଗ୍ରାହୀ, ଅଶୋକ କୁମାର ପଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ମୃତଦେହ ରଖି ରାସ୍ତା ଅବରୋଧ

ବରଗଡ଼ ଅଫିସ୍,୧୨।୭

ଦୁର୍ଘଟଣାରେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ବରଗଡ଼ ଭଟଲି ଛକରେ ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ, ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରାୟ ୨ଘଣ୍ଟା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, ବରଗଡ଼ ଜିଲା ତାଲମେଣ୍ଡା ନିବାସୀ ଚତୁର୍ଭୁଜ ଲୁହା ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଖଲିଆପାଲି କେନାଲ ପଡ଼ାରେ ନିଜ ସମ୍ପର୍କୀୟଙ୍କ ଘରେ ରହୁଥିଲେ ଏବଂ ବରଗଡ଼ ସହରର ଏକ ଔଷଧ ଦୋକାନରେ କାମ କରୁଥିଲେ। ସବୁଦିନ ଭଳି ଦୋକାନ କାମ ସାରି ରାତିରେ ସେ ଖଲିଆପାଲି କେନାଲପଡ଼ା ସମ୍ପର୍କୀୟଙ୍କ ଘରକୁ ଫେରୁଥିଲେ। ଡାଙ୍ଗ ପେଟ୍ରୋଲ ପମ୍ପ ନିକଟରେ ଦ୍ରୁତଗତିରେ ଯାଉଥିବା ଦୁଇ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ଗାଁକୁ ଅଣାଯିବା ବାଟରେ ଭଟଲି ଛକରେ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ସହିତ ଭଟଲି ଛକରୁ ଭଟଲି ପର୍ଯ୍ୟନ୍ତ ଆଲୋକୀକରଣ, ରାସ୍ତା ପ୍ରଶସ୍ତୀକରଣ ସହିତ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ଏସ୍‌ଡ଼ିପିଓ ଗୋଚ୍ଛାୟତ, ଉପଜିଲାପାଳ ସାମଲ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।



ମୃତଦେହ ରଖି ବରଗଡ଼ ଭଟଲି ଛକରେ ରାସ୍ତା ଅବରୋଧ।

# ବଳାତ୍କାର ଅଭିଯୋଗ, ବାବା ଗିରଫ

ବରଗଡ଼ ଅଫିସ୍,୧୨।୭

ବରଗଡ଼ ଜିଲା ଭଟଲି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ବାବାଙ୍କୁ ଗିରଫ କରିଛି। ଗିରଫ ବାବା ଜଣକ ହେଲେ ଭଟଲି ଥାନା ଅନ୍ତର୍ଗତ କର୍ଲାଜୁରୀ ଗ୍ରାମର ବିଜୟ କୁମାର ନାଏକ(୩୮)। ଡାକ୍ତରୀ ମାଇନା ପରେ ମଙ୍ଗଳବାର ତାଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ତାଙ୍କ ବିରୋଧରେ ଦଫା ୩୭୬, ୫୦୬ ଆଇପିସିରେ ଏକ ମାମଲା (ନଂ.୧୪୬/୨୨) ରୁଜୁ ହୋଇଛି ।

ପ୍ରକାଶ ଯେ, ପୀଡ଼ିତାଙ୍କ ଦେହ ବାରମ୍ବାର ଅସୁସ୍ଥ ହେବାରୁ ସେ ରବିବାର ଅଭିଯୁକ୍ତ ବାବାଙ୍କ ପାଖକୁ ଯାଇଥିଲେ। ତାଙ୍କୁ ଏକୁଟିଆ ଦେଖି ସମ୍ପୃକ୍ତ ବାବା ବନ୍ଦ କୋଠରୀରେ ବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ଏବଂ ପରିବାର ଲୋକେ ସୋମବାର ଭଟଲି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ ସହିତ ଅଭିଯୁକ୍ତ ବାବାଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହା ସହିତ ପୋଲିସ ପୀଡ଼ିତା, ଅଭିଯୁକ୍ତ ବାବାଙ୍କ ଡାକ୍ତରୀ ମାଇନା କରାଇଥିଲା। ଅଭିଯୁକ୍ତ ବାବା ଭଟଲି ବ୍ଲକ କମଗାଁ ଗ୍ରାମର କମଗେଁଇ ଯାତ୍ରାରେ ବରୁଆ (କାଳସୀ) ହୋଇ ଆସୁଥିଲେ।

# ପ୍ରେମିକ ଘର ଆଗରେ ପ୍ରେମିକାଙ୍କ ଆତ୍ମହତ୍ୟା ଉଦ୍ୟମ

ବୌଦ୍ଧ/ବାଉଁଶୁଣୀ, ୧୨।୭(ସ୍ୱ.ପ୍ର./ଡି.ଏନ.ଏ.)

ପ୍ରେମିକଙ୍କ ଘର ଆଗରେ ପ୍ରେମିକା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏଭଳି ଘଟଣା ବୌଦ୍ଧ ଜିଲା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତ ଅଞ୍ଚଳର ଜଣେ ଯୁବକ ରାଜ୍ୟ ବାହାରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଗଜପତି ଜିଲାର ଜଣେ ଯୁବତୀ ମଧ ଏଠାରେ କାମ କରୁଥିଲେ। କାମ କରିବା ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପଞ୍ଚାୟତ ନିର୍ବାଚନ ଥିବାରୁ ଯୁବକ ଜଣକ ଘରକୁ ଯାଉଛି କହି ଚାଲିଆସିଥିଲେ। କିନ୍ତୁ ପରେ ଆଉ ଯୁବତୀଙ୍କ ସହ ସମ୍ପର୍କ ରଖି ନ ଥିଲେ। ନିଜ ପ୍ରେମକୁ ପାଇବା ପାଇଁ ପ୍ରେମିକା ଜଣକ ମଙ୍ଗଳବାର ବୌଦ୍ଧରେ ପହଞ୍ଚି ପ୍ରେମିକଙ୍କ ଘରକୁ ଯାଇଥିଲେ। ହେଲେ ପ୍ରେମିକାଙ୍କୁ ଦେଖି ପ୍ରେମିକ ଘରର କବାଟ ବନ୍ଦ କରିଦେଇଥିଲେ। ଅନ୍ୟ ଉପାୟ ନ ପାଇ ପ୍ରେମିକା ତାଙ୍କ ଘର ଆଗରେ ଏକ ବ୍ଲେଡରେ ନିଜର ଦୁଇ ହାତକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ପହଞ୍ଚିବା ପରେ ଗ୍ରାମବାସୀ ଆହତ ପ୍ରେମିକାଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲ ନେଇଥିଲେ। ଏ ନେଇ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକଙ୍କୁ ପଚାରିବାରୁ ଯୁବତୀ ଜଣକ ସୁସ୍ଥ ଅଛନ୍ତି। ଘଟଣାର ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ ।

# ଆନ୍ଦୋଳନକୁ ଓହ୍ଲାଇବ ଭାଜପା


ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ।

ବରଗଡ଼ ଅଫିସ୍,୧୨।୭

ବରଗଡ଼ ଜିଲାର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମା କ୍ଷତିପୂରଣ ମିଳିନାହିଁ। ଏହାକୁ ନେଇ ଭାଜପା ରାଜ୍ୟ ସରକାର ଏବଂ ସମ୍ପୃକ୍ତ ବୀମା କମ୍ପାନୀକୁ ଟାର୍ଗେଟ୍ କରିଛି। ବୀମା କମ୍ପାନୀ ଏବଂ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ଚାଷୀମାନେ ଏପର୍ଯ୍ୟନ୍ତ ଗତ ୨୦୨୦-୨୧ ଫସଲ କ୍ଷତିପୂରଣ ପାଇବାରୁ ବଞ୍ଚିତ ଅଛନ୍ତି ବୋଲି ଭାଜପା ଅଭିଯୋଗ କରିଛି । ଏହାର ପ୍ରତିବାଦରେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଙ୍ଗଳବାର ଦଳର ଜିଲା କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଆସନ୍ତା ୧୩ତାରିଖରେ ସମ୍ପୃକ୍ତ ବୀମା କମ୍ପାନୀ ଏଚ୍‌ଡ଼ିଏଫସି ଆଗ୍ରୋର ବରଗଡ଼ ସ୍ଥିତ କାର୍ଯ୍ୟାଳୟ ଏବଂ ୧୬ତାରିଖରେ ଜିଲାର ସମସ୍ତ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଦଳ ନିଷ୍ପତ୍ତି ନେଇଛି ।

ସେହିପରି ୟୁରିଆ ସାର କଳାବଜାର ବନ୍ଦ କରିବା, ସମ୍ପୃକ୍ତ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବର୍ଦ୍ଧିତ ବିଜୁଳି ଦର ପ୍ରତ୍ୟାହାର, ପଦ୍ମପୁର ଅଞ୍ଚଳରେ ମରୁଡ଼ିର ସ୍ଥାୟୀ ସମାଧାନ ପାଇଁ ଅଙ୍ଗ ନଦୀରେ ବୃହତ ଜଳସେଚନ ପ୍ରକଳ୍ପ ନିର୍ମାଣ, ଶୀତଳ ଭଣ୍ଡାର ସ୍ଥାପନ, ଜିଲାରେ ନିଶା କାରବାର ରୋକିବା ସହିତ ଜିଲାରେ ଚାଲିଥିବା ଟେଣ୍ଡର ଫିକ୍ସିଂର କ୍ରାଇମ ବ୍ରାଞ୍ଚ ତଦନ୍ତ ପାଇଁ ବୈଠକରେ ଦାବି ହୋଇ ଏ ନେଇ ପ୍ରସ୍ତାବ ପାରିତ ହୋଇଥିଲା। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟ, ବରିଷ୍ଠ ନେତା ମହମ୍ମଦ ରଫିକ୍, ସୁରେଶ୍ୱର ଶତପଥି, ମୁକ୍ତା ସାହୁ, ସୌରୀଚରଣ ବାରିକ, ଅଶୋକ ପଣ୍ଡା, ଗୋବର୍ଦ୍ଧନ ଭୋଏ, ପ୍ରୀତେଶ ବହିଦାର, ଈଶ୍ୱର ବାଗ, କୁଶ କୁମ୍ଭାର, ସନତ ଗଡ଼ତିଆ, ମିଳନ ସେଠ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ ବୈଠକ ସଂଯୋଜନା କରିଥିଲେ । ସରୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କଟାପାଲି କେନାଲ ମରାମତି ଲାଗି ଦାବିପତ୍ର ପ୍ରଦାନ

ବିନିକା,୧୨।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଟାପାଲି କେନାଲ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଥିବା ମହଦା ଗାଁର ଚାଷୀମାନେ ଅଭିଯୋଗ କରିଛନ୍ତି। କଟାପାଲି କେନାଲ ହିଡଗୁଡିକ କ୍ଷତିଗ୍ରସ୍ତ ହେଲାଣି । ଫଳରେ ମୁଖ୍ୟ କେନାଲରୁ କଟାପାଲି କେନାଲ ଦେଇ ପ୍ରବାହିତ ହେଉଥିବା ପାଣି ଚାଷ ଜମିରେ ନ ମାଡି ଅପଚୟ ହେଉଛି । କଟାପାଲି କେନାଲ ମରାମତି କାମ ତୁରନ୍ତ ନ ହେଲେ ଚାଷୀଙ୍କ ଧାନ ଫସଲ ପାଣି ଅଭାବରୁ କ୍ଷତଗ୍ରସ୍ତ ହେବାର ଆଶଙ୍କା ଦେଖାଦେଇଛି। ମଙ୍ଗଳବାର କଟାପାଲି କେନାଲ ମରାମତି ଦାବି ନେଇ ରାମପୁର କେନାଲ ଅଧିକାରୀଙ୍କୁ ଚାଷୀମାନେ ଲିଖିତଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ବିବେକାନନ୍ଦ ପାଣି ପଞ୍ଚାୟତ ସଦସ୍ୟ ତଥା ମହଦା ଗାଁର ଅଭିନବ ବିଶି, ମନୋଜ କୁମାର ପଧାନ, ମଧୁସୂଦନ ସାହୁ. ଟିଙ୍କୁ ସାହୁ, ଗଜିନ୍ଦ୍ର ନାୟକ, ଅନିରୁଦ୍ଧ ପଧାନ ପ୍ରମୁଖ ଚାଷୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ଅତିଥିମାନେ।

ବିନିକା,୧୨।୭(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ମଙ୍ଗଳବାର ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ କାର୍ଯ୍ୟାଳୟ ରାଜୀବଗାନ୍ଧୀ କେନ୍ଦ୍ର ପରିସରରେ ବାଲ୍ୟ ବିବାହ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବାଲ୍ୟବିବାହ ନିରାକରଣ ଅଧିକାରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଶିଶୁ ମଣ୍ଡଳ ସମିତି ଅଧକ୍ଷ ମଧୁସୂଦନ ପଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୌରମଣୀ ହାଁସଦା, ଜିଲା ବାଲ୍ୟବିବାହ ପରାମର୍ଶଦାତା ରାକେଶ ପଧାନ, ଜିଲା ଶିଶୁ ସୁରକ୍ଷା ୟୁନିଟ ଆଇନ ଅଧିକାରୀ କେଶବ ମେହେର, ପରାମର୍ଶଦାତା ପ୍ରଶାନ୍ତ ମହାକୁଡ, ସିନ୍ଦୁରପୁର ସରପଞ୍ଚ କଳାକାହ୍ନୁ ସୁନା, ମହିଳା ପରିଦର୍ଶିକା ସୁରନା ସାହୁ, ଇଲାବତୀ ଭୋଇ, ଚାଇଲ୍ଡଲାଇନ ସଦସ୍ୟ ସୁଦାମ ଗାଇଗରିଆ ,ଗାୟତ୍ରୀ ବହିଦାର ପ୍ରମୁକ ଉପସ୍ଥିତ ଥିଲେ। ବୈଠକରେ ସିନ୍ଦୁରପୁର ଅଞ୍ଚଳରେ ବାଲ୍ୟବିବାହ ରୋକିବା ନେଇ ଆଇନ ମୁତାବକ ନିରାକରଣ ବିଧି ବ୍ୟବସ୍ଥା ସୂଚାରୁ ଭାବେ ତୁଲାଇବାର ସଂକଳ୍ପ ନିଆଯାଇଥିଲା।

# ମାତୃନିକେତନରେ କ୍ୟାରିୟର କାଉନସେଲିଂ କର୍ମଶାଳା

ପାଇକମାଳ,୧୨।୭(ଡି.ଏନ.ଏ.)

ବରଗଡ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏକଦିବସୀୟ କ୍ୟାରିୟର କାଉନସେଲିଂ କର୍ମଶାଳା ପାଇକମାଳର କସ୍ତୁରବା ଗାନ୍ଧୀ ମାତୃନିକେତନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ଶିଶୁଯତ୍ନ ଅନୁଷ୍ଠାନରେ ପାଠ ପଢି ମାଟ୍ରିକ୍ ପାସ୍ କରିଥିବା ଛାତ୍ରୀଛାତ୍ରୀ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ, ବରଗଡ଼ ଅଧୀନରେ ଚଳିତ ବର୍ଷ ମାଟ୍ରିକ୍ ପାସ୍ କରିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ କର୍ମଶାଳା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବିଜୟ କୁମାର ସାହୁ ଓ ସନ୍ତୋଷିନୀ ମହାପାତ୍ର ତାଲିମଦାତା ଭାବେ ଉପସ୍ଥିତ ଥିଲେ। କସ୍ତୁରବା ଗାନ୍ଧୀ ମାତୃନିକେତନ ଅଧକ୍ଷ ନିର୍ମଳ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଗଡ଼ରେ ଆୟୁଷ ସ୍ୱାସ୍ଥ୍ୟ ଶିବିର

ବରଗଡ଼ ଅଫିସ୍,୧୨।୭

ବରଗଡ଼ ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଭଟଲି ବ୍ଲକ ନୂଆଗଡ଼ ଗ୍ରାମରେ ମଙ୍ଗଳବାର ଆୟୁଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୩୭୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବିତରଣ କରାଯାଇଥିଲା। ନୂଆଗଡ଼ ସରପଞ୍ଚ ଦୁର୍ବାସା ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ତୋଲାମଣି ପୁରୋହିତ, ଜିଲା ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡା. ଚନ୍ଦ୍ରମୋହନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡା. ଅଜିତ କୁମାର ଦର୍ଜୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ଡା. ପ୍ରଶାନ୍ତ କୁମାର ମିଶ୍ର, ଡା. ମୋହନ ଭୋଇ, ଡା. ସରିତା ମଞ୍ଜରୀ ସାହୁ, ଡା. ଦୁଷ୍ମନ୍ତ ମାଝୀ, ଡା. ଉପାସନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଆୟୁଷ ସହାୟକ ଚିତ୍ତରଞ୍ଜନ ଶର୍ମା, ଶିଶିର କୁମାର ଚାନ୍ଦ, ସଂଯୁକ୍ତା ନାୟକ, ସୁଦାମ ଭୋଇ, ତରଣୀସେନ ପ୍ରଧାନ, ହେମସାଗର ସାହୁ, ସଞ୍ଜିତ ବିଶ୍ୱାଳ, ସୁଶିଲ ମାହାର ପ୍ରମୁଖ ସହଯୋଗ କରିଥିଲେ।


ଆୟୁଷ ସ୍ୱାସ୍ଥ୍ୟ ଶିବିରକୁ ଅତିଥିବୃନ୍ଦ ଉଦଘାଟନ କରୁଛନ୍ତି ।

# ତାତିଲେ ଚାଷୀ, ୧୮ରେ ଆନ୍ଦୋଳନ

ବରଗଡ଼ ଅଫିସ୍,୧୨।୭

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇପଡ଼ିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନରେ ସମ୍ପୃକ୍ତ ବୀମା କମ୍ପାନୀ ସ୍ୱେଚ୍ଛାଚାରିତା ଚଳାଇଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ଚାଷକାର୍ଯ୍ୟ ପୂର୍ବରୁ ନିର୍ଦ୍ଧାରିତ ନିୟମାନୁସାରେ ବୀମା ପ୍ରିମିୟମ ଜମା କରିଥିଲେ ସୁଦ୍ଧା ସେମାନଙ୍କୁ ଠିକ୍ ଭାବେ ବୀମା ସହାୟତା ମିଳୁ ନ ଥିବା କହିଛନ୍ତି। ଅନ୍ୟପଟେ ବୀମାରାଶି ପ୍ରଦାନକୁ ନେଇ ସମ୍ପୃକ୍ତ ବୀମା କମ୍ପାନୀ ନାନା ଆଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେଥିରୁ ବଞ୍ଚିତ କରୁଥିବା ଅଭିଯୋଗ ହୋଇଛି। ବୀମା କମ୍ପାନୀର ଏଭଳି ନୀତି ପ୍ରତିବାଦରେ ଆସନ୍ତା ୧୮ତାରିଖରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପଦ୍ମପୁର ବନ୍ଦ ଡାକରା ଦେଇଛି। ଏଥିରେ ଗାଇସିଲେଟ ବ୍ଲକ କୃଷକ ସଙ୍ଗଠନ ସାମିଲ ହେବା ପାଇଁ ସହମତି ପ୍ରକାଶ କରିଛି।

ଏହି କ୍ରମରେ ମଙ୍ଗଳବାର ସଙ୍ଗଠନର ଗାଇସିଲେଟ ବ୍ଲକ ସଭାପତି ଅରବିନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫସଲବୀମା ବିଭ୍ରାଟକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ୨୦୨୧ ଖରିଫରେ ଚାଷୀମାନେ ମରୁଡ଼ିର ସମ୍ମୁଖୀନ ହୋଇଥିଲେ। ମାତ୍ର ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିନାହିଁ। ଏ ନେଇ ଚାଷୀ ସଙ୍ଗଠନ ପକ୍ଷରୁ ବାରମ୍ବାର ପ୍ରଶାସନ ଏବଂ ବୀମା କମ୍ପାନୀର ଦୃଷ୍ଟି ଆକର୍ଷଣ ସହିତ ଆନ୍ଦୋଳନ ମଧ୍ୟ କରାଯାଇଛି। ମାତ୍ର କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଆସନ୍ତା ୧୮ତାରିଖରୁ ଗାଇସିଲେଟରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଙ୍ଗଠନ ନିଷ୍ପତ୍ତି ନେଇଛି। ଏହି କ୍ରମରେ ୧୮ତାରିଖର ସ୍ଥାନୀୟ ଶହୀଦ ଛକରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳକୁ ଅଚଳ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେହିଦିନ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ରାସ୍ତାଘାଟ, ଦୋକାନ ବଜାର ବନ୍ଦ କରାଯିବ ବୋଲି ସଙ୍ଗଠନ ସଭାପତି ପଣ୍ଡା ସୂଚନା ଦେଇଛନ୍ତି। ଏଥିପାଇଁ ଏକ କୋର୍ କମିଟି ଗଠନ କରାଯାଇଛି। କମିଟିରେ ଅରବିନ୍ଦ ପଣ୍ଡା ଆବାହକ ରହିଥିବାବେଳେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ଭାଜପା ବ୍ଲକ ସଭାପତି ପ୍ରବୀଣ କୁମାର ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ନୀଳମଣି ବରିହା, ସରୋଜ ସାହୁ, ଚୈତନ୍ୟ ସାହୁ, ସରପଞ୍ଚ ସଂଘ ସଭାନେତ୍ରୀ ଜୟନ୍ତୀ ସାହୁ, ବିରେନ୍ଦ୍ର ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ, ଘନଶ୍ୟାମ ପାତ୍ର, ମୋହନ ସିଂ ବରିହା, ଆନନ୍ଦ ପ୍ରଧାନ, ସମାରୁ ସାହୁ ପ୍ରମୁଖ ସଭ୍ୟ ରହିଛନ୍ତି। ବୈଠକରେ ଦୁର୍ଗାପ୍ରସାଦ ତ୍ରିବେଦୀ, ଗଜପତି ସାହୁ, ରବି ସାହୁ, ସୁମନ୍ତ ସାହୁ, ମହେଶ ଦାଶ, ମନୋଜ ପଣ୍ଡାଙ୍କ ସମେତ ଓକିଲ ସଂଘ, ବଣିକ ସଂଘ, ନାଗରିକ କମିଟି ସମେତ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


ଗାଇସିଲେଟ କୃଷକ ସଙ୍ଗଠନର ବୈଠକ ।

**ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା**

## ଆଦର୍ଶ ବିଦ୍ୟାଳୟ ରାସ୍ତା ଶୋଚନୀୟ

ବେହେରା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପର୍ଲା ଓଡ଼ଶା ଆଦର୍ଶ ବିଦ୍ୟାଳୟକୁ ଯାଇଥିବା ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ପର୍ଲା ସିନାପଡାରୁ ଏକ ଗଳି ରାସ୍ତା ଦେଇ ଆଦର୍ଶ ବିଦ୍ୟାଳୟକୁ ଯିବାକୁ ହୋଇଥାଏ। କିନ୍ତୁ ରାସ୍ତା ବିଦ୍ୟାଳୟ ହେଲା ଦିନୁ ଆଖି ଦୃଶିଆ ଉନ୍ନତୀକରଣ ହୋଇନି। ରାସ୍ତା ମେଟାଲ ଉଠି ଯାଇ ଖାଲଖମାରେ ପୁରିରହିଛି। ବର୍ଷା ପାଣି ଖାଲଖମାରେ ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ବିଷୟରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକଙ୍କୁ ପଚାରିବାରୁ ରାସ୍ତା ପାଇଁ ଦଶଲକ୍ଷ ଟଙ୍କା ଅନୁମୋଦିତ ହୋଇଛି, ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ।

### ସଂକ୍ଷେପରେ

## ଚିଙ୍ଗୁଡିପାସ ଗାଁରେ ଝାଡ଼ାବାନ୍ତି ଆତଙ୍କ

### ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି

**ଭବାନୀପାଟଣା,୧୨।୭(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଚିଙ୍ଗିଡିପାସ ଗାଁରେ ଝାଡ଼ାବାନ୍ତି ଆତଙ୍କ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଝାଡ଼ାବାନ୍ତିରେ ଶ୍ରୀପତି ମାଝି ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ସୋମବାର ବିଳମ୍ବିତ ରାତିରେ ଗାଁର ଆଉ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ନାମ ନାମ ରାମ ମାଝି ବୋଲି ଜଣାପଡିଛି। ରାମଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ଡାକ୍ତର ରେଫର କରିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ରାମ ମାଝିଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଗାଁକୁ ମେଡ଼ିକାଲ ଟିମ ଯାଇ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିବା ବେଳେ ଗୁରୁତର ରୋଗୀଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

## ମାଳତୀଙ୍କୁ ସହାୟତାର ହାତ ବଢ଼ାଇଲା ଆଦିବାସୀ ସଂଘ

**ବେହେରା,୧୨।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ଗ୍ରାମର ଜଣେ ଆଦିବାସୀ ସମ୍ପ୍ରଦାୟର ଝିଅ ଅର୍ଥ ଅଭାବରୁ ପାଠପଢ଼ରେ ରୋକ ଲାଗିଥିଲା। ଏ ସମ୍ପର୍କୀତ ଏକ ଖବର ବିଭିନ୍ନ ଗଣମାଧମରେ ପ୍ରକାଶ ପରେ ମଙ୍ଗଳବାର ଧର୍ମଗଡ ଆଦିବାସୀ ସଂଘ ସହାୟତାର ହାତ ବଢ଼ାଇଛି। ସଂଘ ସମ୍ପାଦକ ଗୋବର୍ଦ୍ଧନ ଶବର, ଉପସଭାପତି ବନମାଳୀ ଭୋଇ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ମାଝି, ରୁକୁରାମ ଶବର, ନିରଞ୍ଜନ ଧରୁଆ, ଜୈବଲ କୁମାର ବାଗ ପ୍ରମୁଖ ଜୟନ୍ତପୁର ଗ୍ରାମ ଆସି ଝିଅ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ମାଳତୀଙ୍କ ଯାବତୀୟ ପାଠପଢ଼ା ଖର୍ଚ୍ଚ ସଂଘ ବହନ କରିବ ବୋଲି କର୍ମକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ମାଳତୀ ପରିବାରକୁ କିଛି ଅର୍ଥ ମଧ ସହାୟତା କରିଥିଲେ। ମାଳତୀ ଜଣେ ମେଧାବୀ ଛାତ୍ରୀ ଥିଲେ ହିଁ ଅର୍ଥ ଅଭାବରୁ ଆଗକୁ ପଢ଼ିପାରିନାହାନ୍ତି। ବିଧବା ମା' ଅପରାହ୍ନ ବୟସରେ କଷ୍ଟେ ମଷ୍ଟେ କଲେଜ ଯାଏ ପଠାଇବାରେ ସକ୍ଷମ ହୋଇଥିଲେ। ସେ ଗରିବ ଶ୍ରେଣୀର ହୋଇଥିବା ବେଳେ ମାଳତିଙ୍କ ପାଠପଢ଼ା ପ୍ରତି ଆଗ୍ରହ ଥିବା ସତ୍ତ୍ୱେ ପାଠପଢ଼ାରେ ରୋକଲାଗିଥିଲା। ଏପରି ପରିସ୍ଥିତିରେ ସଙ୍ଗଠନ ସବୁ ଦାୟିତ୍ୱ ନେବ ବୋଲି ପ୍ରତିଶ୍ରୁତି ଦେଇଛି।



ମାଳତୀଙ୍କ ନିକଟରେ ଆଦିବାସୀ ସଂଘ କର୍ମକର୍ତ୍ତା।

# ୩ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

**ଭବାନୀପାଟଣା,୧୨।୭(ସ୍ୱ.ପ୍ର.)**

ମୋ ସରକାର ଓ ୫-ଟି ଭଳି ମେଗା ଯୋଜନା କାର୍ଯ୍ୟକାରୀ କରି ବାଃ ବାଃ ନେଉଛନ୍ତି ସରକାର। ହେଲେ ବିକାଶର ଫଳ ଶୂନ। ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଶେଷରେ ଖଟିଆରେ ବୁହାହେଲେ ଗର୍ଭବତୀ। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପି ପଞ୍ଚାୟତ ଖମନପଡା ଗ୍ରାମରେ ସ୍ୱାସ୍ଥ୍ୟସେବାର ଏଭଳି ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି। ଗାଁକୁ ରାସ୍ତା ନ ଥିବା ବେଳେ ପୋଲ ନିର୍ମାଣ ହୋଇ ପାରୁନାହିଁ। ଏଭଳି ଶୋଚନୀୟ ସ୍ଥିତି ଯୋଗୁ ପ୍ରସବ ବେଦନାରେ ଛଟପଟ ଗର୍ଭବତୀଙ୍କୁ ୩ କି.ମି. ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼ିଛି। ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୧୨ କି.ମି. ଦୂରରେ ରହିଛି ଖମନପଡା ଗାଁ। ସେହି ଗାଁର ସୁମତୀ ଦେଇଙ୍କୁ ପ୍ରସବ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ମଧ ଆସିଥିଲା। ହେଲେ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। ଫଳରେ ପରିବାର ଓ ଗ୍ରାମବାସୀ ମିଶି ସୁମତୀଙ୍କୁ



ନଦୀ ପାରି ହୋଇ ଗର୍ଭବତୀଙ୍କୁ ନିଆଯାଉଛି।

### ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ

ଖଟିଆରେ ବୋହି ଇନ୍ଦ୍ରାବତୀ ନଦୀ ପାରି କରାଇ ୩ କି.ମି. ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହି ଆଣିଥିଲେ। ଏହାପରେ ତାଙ୍କୁ ଆମ୍ବୁଲାନ୍ସରେ ନେଇ ଥୁଆମୂଳ ରାମପୁର ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁମତୀ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିବା ଜଣାପଡିଛି। ଖମନପଡା ଗାଁକୁ ସବୁଦିନିଆ ରାସ୍ତା ନ ଥିବାରୁ ଅନେକ ସମୟରେ ଏଭଳି ଚିତ୍ର ସାମ୍ନାକୁ ଆସୁଥିବା ବେଳେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ମାତ୍ର ଆଜିଯାଏଁ କୌଣସି ସୁଫଳ ମିଳି ପାରୁ ନ ଥିବା ଅଭିଯୋଗ କରିଛନ୍ତି।

# ବସ୍ତିକୁ ସ୍ଥାୟୀ ରାସ୍ତା ନାହିଁ



ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଆଣାଯାଉଛି।

**ଲୋଇସିଂହା,୧୨।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଅନ୍ତର୍ଗତ ଝାରବନ୍ଧଲି ଗ୍ରାମର ସାହୁ ବସ୍ତିକୁ ସ୍ଥାୟୀ ରାସ୍ତା ନାହିଁ। ବସ୍ତିକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ରୋଗୀ ହଟହଟା ହେଉଛନ୍ତି। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ସମେତ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଝାରବନ୍ଧଲି ଗ୍ରାମର ଅନତି ଦୂରରେ ଥିବା ବିଜାମୁଣ୍ଡା(ପୋଖରୀ) ନିକଟରେ ସାହୁ ବସ୍ତି। ଦୀର୍ଘ ୩୦ ବର୍ଷ ହେଲା ସେଠାରେ ୫ ପରିବାର ୩୦ରୁ ଅଧିକ ସଦସ୍ୟ ରହୁଛନ୍ତି। ଦୀର୍ଘବର୍ଷର ବସତି ହୋଇଥିଲେ ବି ସ୍ଥାୟୀ ରାସ୍ତା ନାହିଁ। ହିଡ ରାସ୍ତାରେ ଲୋକେ ଯାତାୟତ କରୁଛନ୍ତି। ବର୍ଷଦିନରେ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ସ୍ଥାୟୀ ରାସ୍ତା ପାଇଁ ଜଣାଇ କୌଣସି ସୁଫଳ ମିନାହିଁ। କିଛିଦିନ ତଳେ ବସ୍ତିର ବଳଭଦ୍ର ସାହୁଙ୍କ ସ୍ତ୍ରୀ ଦୁର୍ଗା କାଦୁଅ ରାସ୍ତାରେ ଯାଉଥିବାବେଳେ ଖସିପଡିଥିଲେ। ତାଙ୍କର ଗୋଡ ଭାଙ୍ଗି ଯାଇଥିଲା। ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାନ୍ସକୁ ପରିବାର ଲୋକେ ସୂଚନା ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚିଥିଲା। ହେଲେ ଦେଢଶହ ମିଟର ରାସ୍ତା ଶୋଚନୀୟ ଥିବାରୁ ବସ୍ତିକୁ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ୨୬ ନଂ ଜାତୀୟ ରାଜପଥ ରାମପୁର ଦୁର୍ଗାମନ୍ଦିର-ଝାରବନ୍ଧଲି ପ୍ରଧାନମନ୍ତ୍ରୀ ରାସ୍ତାରେ ଅଟକି ରହିଥିଲା। ଷ୍ଟ୍ରେଚର ରୋଗୀଙ୍କୁ ଆମ୍ବୁଲାନ୍ସ ଯାଏ ବୁହା ହୋଇ ଅଣାଯାଇଥିଲା। ୩୦ ବର୍ଷର ବସତିକୁ ପକ୍କା ରାସ୍ତାଟିଏ ନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭାଜପା କାର୍ଯ୍ୟକାରିଣୀ ବୈଠକ



କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଭାଜପା ନେତୃବର୍ଗ।

**ଟିଟିଲାଗଡ଼, ୧୨।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଭାଜପାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏକ ହୋଟେଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ଅଧ୍ୟକ୍ଷ ଶିବାଜି ମହାନ୍ତିଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୬୦ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ବୈଠକରେ ମଞ୍ଚାସୀନ ଏମ୍ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ପୂର୍ବତନ ରାଜ୍ୟ ସଭାପତି କନକବର୍ଦ୍ଧନ ସିଂଦେଓ, ଟିଟିଲାଗଡ ପୌରାଧକ୍ଷା ମମତା ଜୈନ ପ୍ରମୁଖ ଦଳକୁ ମଜଭୁତ କରିବା ନେଇ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ଅତିଥି ପରିଚୟ, ନବୀନ ଜୈନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବୈଠକରେ ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ଧନ୍ୟବାଦ ପ୍ରସ୍ତାବ, ରାଜନୈତିକ ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବଟିକୁ ଜିଲା ସାଧାରଣ ସମ୍ପାଦକ ଅମିତ ସିଂନିନାଙ୍କ ସମର୍ଥନ ସହ ଗୃହୀତ ହୋଇଥିଲା। ଓଡିଶାର ଆଦିବାସୀ ମହିଳା ଦୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥି ମନୋନୟନ, ବଲାଙ୍ଗୀରଠାରୁ ପାଟଣାଗଡ ତଥା ନୂଆପଡା ରେଲଲାଇନ ବ୍ୟବସ୍ଥା, ବଲାଙ୍ଗୀରଠାରୁ ଉଦ୍ୟାନବନ୍ଧ, ପାଟଣାଗଡ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ରାଜନୈତିକ ପ୍ରସ୍ତାବରେ ବଲାଙ୍ଗୀର ଜିଲାରେ କୃଷି ସମସ୍ୟା, ୨୩ ବର୍ଷ ଧରି ବିଜେଡି ରାଜ୍ୟରେ ଶାସନ କରୁଥିବା ବେଳେ ଜିଲାରେ ମାତ୍ର ୨.୮ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା, ଫସଲ ବୀମା ରାଶି ଚାଷୀଙ୍କୁ ଠିକ ଭାବରେ ପ୍ରଦାନ ନକରିବା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଆଦିକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ ହୋଇଥିଲା। ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳର ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ଏମ୍ପି ପ୍ରତିନିଧି ଗୁଲାବ ସୋନି, ଜିଲା ମିଡିଆ ପ୍ରଭାରୀ ଆଲୋକ ନାୟକ, ମହେନ୍ଦ୍ର ଠାକୁର, ନରସିଂ ସିଂ, ଲିଙ୍ଗରାଜ ନାୟକ, ସଞ୍ଜୟ ତ୍ରିପାଠୀ, ଅଶୋକ ଭୋଇ, ବିପିନ ଠାକୁର, ନିମାଇଁ ବେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଜାନୁୟାରୀ ୨୬ରେ ବଲାଙ୍ଗୀର-ସୋନପୁର ରେଳ ଚଳାଚଳ ଆରମ୍ଭ ଦାବି

**ବଲାଙ୍ଗୀର ଅଫିସ,୧୨।୭**

ବଲାଙ୍ଗୀର ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିଭାବକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାମ ଏବେ ଖୋର୍ଦ୍ଧା ପଟୁ ଠିକଠାକ୍ ଚାଲୁଥିବାବେଳେ ବଲାଙ୍ଗୀର ପାର୍ଶ୍ୱରୁ ଧିମାଇ ଯାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ନିକଟରେ ପୂର୍ବତଟ ରେଳବାଇ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ମୁଖ୍ୟଯନ୍ତ୍ରୀ (ନିର୍ମାଣ) ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇ ଯାଇଛନ୍ତି। ଏ ଦୃଷ୍ଟିରୁ ଆଗାମୀ ଜାନୁୟାରୀ ୨୬ରେ ବଲାଙ୍ଗୀର-ସୋନପୁର ରେଳ ଚଳାଚଳ ଶୁଭାରମ୍ଭ କରିବା ପାଇଁ ମଞ୍ଚ ଆଶା ପ୍ରକାଶ କରିଛି । ସେହିପରି କଣ୍ଟାବାଞ୍ଜି-ନବରଙ୍ଗପୁର ରେଳପଥ କାମ ହାତକୁ ନେବା ଓ ବଲାଙ୍ଗୀର-ନୂଆଁପଡା ରେଳପଥ ପାଇଁ ସର୍ଭେ କାମ ଶୀଘ୍ର ସମାପ୍ତ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ବଲାଙ୍ଗୀର ସହର ଦ୍ରୁତଗତିରେ ଚତୁପାର୍ଶ୍ୱରେ ସମ୍ପ୍ରସାରଣ ହେଉଥିବାରୁ ସହର ମଧ୍ୟରେ ଗମନାଗମନ ପାଇଁ ଟାଉନ ବସର ବ୍ୟବସ୍ଥା କଲେ ଜନସାଧାରଣ ଉପକୃତ ହୁଅନ୍ତେ ବୋଲି ମତପ୍ରକାଶ ପାଇଥିଲା। ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ଗୋବିନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ଛବିଲାଲ ବେହେରା, କୋଷାଧ୍ୟକ୍ଷ ଦିବାକର ହୋତା, ସଭ୍ୟ କୃଷ୍ଣଚନ୍ଦ୍ର ମହାକୁର ଓ ପୁରୁଷୋତ୍ତମ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭ୍ୟ ଶ୍ରଦ୍ଧାକର କର୍ଣ୍ଣ ଧନ୍ୟବାଦ ଦେଇଥିଲେ।

# ଭୀମ ଭୋଇ ସାମର୍ଥ୍ୟ ଶିବିର: ୨୧୫ ପରିଚୟପତ୍ର ପ୍ରଦାନ



ଶିବିରରେ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

**ଗୋଲାମୁଣ୍ଡା,୧୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ମଙ୍ଗଳବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଅଧ୍ୟକ୍ଷ୍ୟତାରେ ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ସସ୍ମିତା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୨୮ଟି ଗ୍ରାମପଞ୍ଚାୟତରୁ ୨୫୪ଜଣ ପଞ୍ଜୀକରଣ କରିଥିବା ବେଳେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ୨୧୫ଜଣଙ୍କୁ ଦିବ୍ୟାଙ୍ଗ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ୨୮ଜଣ ଦିବ୍ୟାଙ୍ଗଙ୍କୁ ବସ ଓ ଟ୍ରେନ ପାସ ପ୍ରଦାନ କରାଯାଇଥିଲା। ଭବାନୀପାଟଣା ଜିଲା ଚିକିତ୍ସାଳୟରୁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସୁନୀଲ କୁମାର ପାଢୀ, ମାନସିକ ଚିକିତ୍ସକ ଡାକ୍ତର ପ୍ରତାପ କୁମାର ପଟ୍ଟନାୟକ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ସାହୁ, କର୍ଣ୍ଣ, ଗଳା ଓ ନାସା ଚିକିତ୍ସକ ଡାକ୍ତର ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ଶୁଭାଶିଷ ମହାନ୍ତି, ବରିଷ୍ଠ ଶ୍ରବଣ ବିତ ବାଦଲ କୁମାର, ଚଳନ ପ୍ରଶିକ୍ଷକ ନିବାସ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଲୋଚନ ନାଏକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ ପ୍ରଧାନ ପରିଚାଳନା କରିଥିଲେ। ୨୮ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ।

# ୪୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଖଡ଼ିଆଳ,୧୨।୭(ଡି.ଏନ.ଏ.)**

ନଳଆପଡ଼ା, ଖଡିଆଳ ଓ ସିନାପାଲି ଅବକାରୀ ବିଭାଗ ମିଳିତ ଚଢ଼ାଉ କରି ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ସିନାପାଲି ଜଗନ୍ନାଥପଡାର ମାଧବ ମେହେର। ତାଙ୍କଠାରୁ ୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଦୀର୍ଘଦିନ ଧରି ବେଆଇନ ଭାବେ ଗଞ୍ଜେଇ ବେପାର କରୁଥିଲେ। ବିଶସ୍ତ ସୂତ୍ରରୁ ଖବର ପାଇ ନୂଆପଡ଼ା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଖଡ଼ିଆଳ ଅବକାରୀ ଉପନିରୀକ୍ଷକ ଡମରୁଧର ହରିଜନଙ୍କ ନେତୃତ୍ୟରେ ସିନାପାଲି, ଖଡିଆଳ ଓ ନୂଆପଡ଼ାର ମିଳିତ ଅବକାରୀ ଟିମ ସିନାପାଲି ଜଗନ୍ନାଥପଡାର ମାଧବଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ଘରୁ ୪୦ କେଜି ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ଅବକାରୀ ବିଭାଗ ଗଞ୍ଜେଇ ଜବତ କରିବା ସହ ମେହେରଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଥିବା ଅବକାରୀ ଉପ ନିରୀକ୍ଷକ ଡମରୁଧର ହରିଜନ କହିଛନ୍ତି।

# ବିଜୁ ଏକ୍ସପ୍ରେସ୍ ୱେରେ ଫାଟ

**ବୋଡେନ,୧୨।୭(ଡି.ଏନ.ଏ.)**

ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ। ଦୁଇ ଥାକିଆ ରାସ୍ତା ନିର୍ମାଣ କାମ ପ୍ରାୟ ଶେଷ ହୋଇଥିବା ବେଳେ ଚାରି ଥାକିଆ ପାଇଁ ନିର୍ମାଣ କାମ ଚାଲିଛି। ଫେବୃୟାରୀ ଓ ମାର୍ଚ୍ଚ ମାସରେ ନିର୍ମାଣ ସରିଥିବା ଦୁଇ ଥାକିଆ ରାସ୍ତାରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ନୂଆପଡ଼ା ଜିଲା ବୋଡେନ ବ୍ଲକ କେରାପଦର ଗ୍ରାମ ପାଖରେ ରାସ୍ତା ଫାଟି ଆଁ କରିଛି। ସୂଚନା ଅନୁସାରେ, କେରାପଦର ଗ୍ରାମର ନିଲମ ନାଏକଙ୍କ ପୋଖରୀ ବିଜୁ ଏକ୍ସପ୍ରେସ୍ ୱେରେ ପଡିଥିଲା। ପୋଖରୀର କିଛି ଅଂଶ ରାସ୍ତାରେ ନ ଯାଇ ରହିଯାଇଛି। ପ୍ରାୟ ୧୫ ଫୁଟ ଗଭିର ପୋଖରୀ ଭିତରେ ରାସ୍ତା ନିର୍ମାଣ କରାଯାଇଛି। ହେଲେ ଗାର୍ଡୱାଲର ନିର୍ମାଣ ହୋଇନାହିଁ। ଫଳରେ ଦୁଇ ଦିନର ପ୍ରବଳ ବର୍ଷାରେ ମାଟି ତରଳିବା ଆରମ୍ଭ କରିଛି ଓ ରାସ୍ତାରେ ଫାଟ ସୃଷ୍ଟି କରିଛି। ଆଉ କିଛି ଦିନ ପରେ ପୋଖରୀରେ ପାଣି ଭର୍ତ୍ତି ହେଲେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ପୋଖରୀ ମାଲିକ ନିଲମ ନାଏକ ପୂର୍ବରୁ ପୂର୍ବତନ ଜିଲାପାଳଙ୍କୁ ରାସ୍ତାର ଏପରି ଅବସ୍ଥା ହେବା ନେଇ ଆଶଙ୍କା ବ୍ୟକ୍ତ କରିବା ସହ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ନାଏକଙ୍କ ଆଶଙ୍କାକୁ ବିଚାରକୁ ନେଇ ପୋଖରୀରେ ମାଟି ଭର୍ତ୍ତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଜିଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା ତଥା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ରାସ୍ତା ନିର୍ମାଣର ୬ ମାସର ନ ପୁରୁଣୁ ଫାଟିବା ଆରମ୍ଭ କରିବା ନେଇ ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



ବିଜୁ ଏକ୍ସପ୍ରେସ୍ ୱେରେ ଫାଟ ଦେଖାଦେଇଛି।

# ୫ ଗିରଫ, ଟଙ୍କା ସହ ଗାଡ଼ି ଜବତ

**ଖଡ଼ିଆଳ,୧୨।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଷ୍ଟେଟ ବ୍ୟାଙ୍କ ଶାଖାରୁ ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବାକୁ ଯାଉଥିବା ଟଙ୍କା ଭର୍ତ୍ତି ଏଟିଏମ୍ ଗାଡ଼ିକୁ ନେଇ ଡ୍ରାଇଭର ଫେରାର ଘଟଣାରେ ମଙ୍ଗଳବାର ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଭ୍ୟାନ୍ ଡ୍ରାଇଭର ନୂଆପଡ଼ା ଜିଲା ଖଡିଆଳ ଥାନାର ଜୟରାମ ମାଝି (୩୩) ଏବଂ ତାଙ୍କ ଭଉଣୀ ବଲାଙ୍ଗୀର ଜିଲା ତୁରେକେଲା ଥାନାର ବିଶାଖା ମାଝି (୪୦) ରହିଛନ୍ତି। ଅନ୍ୟମାନେ ହେଲେ ବଲାଙ୍ଗୀର ଜିଲା ତୁରେକେଲା ଥାନାର ନେତ୍ର ମାଝି (୪୫), ଈଶ୍ୱର ମାଝି (୨୮) ଏବଂ କୋମନା ବ୍ଲକର ଭୁଜବଳ ମାଝି (୨୮)। ସେମାନଙ୍କଠାରୁ ଏଟିଏମ୍ ଭ୍ୟାନରୁ ନେଇଥିବା ୫୭ ଲକ୍ଷ ଟଙ୍କାରୁ ୫୫ ଲକ୍ଷ ୭୬ ହଜାର ୭୫୦ ଟଙ୍କା ଜବତ କରାଯାଇଛି ବୋଲି ଖଡିଆଳ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। ଏହା ସହିତ ସେମାନେ ବ୍ୟବହାର କରିଥିବା ସିଏମ୍‌ଏସ୍ ଭ୍ୟାନ




ଜବତ ହୋଇଥିବା ଗାଡ଼ି।

### ଏଟିଏମ୍ ଗାଡ଼ି ନେଇ ଡ୍ରାଇଭର ଫେରାର ଘଟଣା

(ନଂ.ଓଆର୦୨ବି କ୍ୟୁ-୬୨୯୦), କାର (ନଂ.ଓଡି୦୨ବିଏକ୍ସ-୫୧୬୩), ଅଟୋରିକ୍ସା (ନଂ. ଓଡି୨୯ଏଫ-୧୫୧୭), ବାଇକ୍ (ନଂ.ଓଡି୨୬ସି-୯୭୮୭), ଗୋଟିଏ ସାଇକେଲ, ଛତା, ୩ଟି ମୋବାଇଲ ଫୋନ, ଗୋଟିଏ ଇଆର ବେଗ, ଗୋଟିଏ ଜରିବେଗ, ଗୋଟିଏ ହଲ ପେଣ୍ଟ, ସାର୍ଟ ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଖଡ଼ିଆଳ ଷ୍ଟେଟ ବ୍ୟାଙ୍କ ଶାଖାରୁ ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବାକୁ ଯାଉଥିବା ଟଙ୍କା ଭର୍ତ୍ତି ଏଟିଏମ୍ ଗାଡ଼ିକୁ ନେଇ ଗତ ୬ ତାରିଖରେ ଅସ୍ଥାୟୀ ଭ୍ୟାନ ଡ୍ରାଇଭର ଫେରାର ହୋଇଥିଲେ। ଏ ନେଇ ଗାର୍ଡ ସେହି ଦିନ ସନ୍ଧ୍ୟା ୫.୪୫ ମିନିଟରେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଖଡ଼ିଆଳ ଏସ୍‌ଡିପିଓ ସନ୍ତକ ଜେନା, ଆଇଆଇସି ଅନିରୁଦ୍ଧ ମୁଦୁଲି, ଆଇଆଇସି ଖଡ଼ିଆର ରୋଡ ଜୋନ୍‌ଙ୍କ ଥାନା କୈଳାଶ ଚନ୍ଦ୍ର ସେଠି, ଲଖନା ଆଇଆଇସି ଗୁରୁଦେବ କର୍ମୀ, ଏସଆଇ ତାରାକାନ୍ତ ବିଶ୍ୱାଳ ଓ ଏସଆଇ ନବଘନ ଗଉଡ଼ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ ହୋଇଥିଲା। ଏକ ସପ୍ତାହ ମଧ୍ୟରେ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବା ସହିତ ଟଙ୍କା ଜବତ କରାଯାଇଛି।

## ବର୍ଷାରେ ଗଛ ଉପୁଡ଼ିଲା, ରାସ୍ତା ଅବରୋଧ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଅଞ୍ଚଳରେ ସୋମବାର ରାତିରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ବର୍ଷାରେ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଥିବା ବେଳେ ବୋଡେନ ଆଶ୍ରମପଡାରେ ଏକ ବିରାଟ ନିଳଗିରି ଗଛ ଉପୁଡି ପଡିଛି। ଏଥିଯୋଗୁ ରାସ୍ତା ଅବରୋଧ ହୋଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ସୁରୁଜୀ ପ୍ରଧାନ, ରଘୁନାଥ ନାୟକ, ଭକ୍ତବତ୍ସଳ ଅଦାବର, ରବିନାରାୟଣ ଦାଶ, ରାମଚନ୍ଦ୍ର ବେହେରା ପ୍ରମୁଖ ଗଛ କାଟି ସଫା କରିବା ସହ ଅବରୋଧ ହଟାଇଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।





ସୁବର୍ଣ୍ଣପୁର ଜିଲା ଦେଇ ଯାଇଥିବା ୫୭ନଂ. ଜାତୀୟ ରାଜପଥର ତରଭା ଥାନା ବଡବାହାଲି ନିକଟରେ ମଙ୍ଗଳବାର ରାସ୍ତାର ବାମ ପାର୍ଶ୍ୱରେ ଛିଡା ହୋଇଥିବା ଏକ ଅଟୋରିକ୍ସାକୁ ଜଣେ ପୋଲିସ ଅଧିକାରୀଙ୍କ କାର ରଙ୍ଗ୍‌ରୁଟ୍‌ରେ ଆସି ସାମ୍ନାପଟୁ ଧକ୍କା ଦେଇଥିଲା। ଏଥିରେ ୩ ଜଣଙ୍କ ଜୀବନ ଯାଇଛି। ୬ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ଡାକ୍ତରଖାନାକୁ ନିଆଯାଉଛି। କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

## ସଂକ୍ଷେପରେ

### ମହାନଦୀରୁ ଧରାହେଲା ବିରାଟକାୟ ବୁଦମାଛ



୫୫ କେଜିର ବୁଦ ମାଛ।

**ବୌଦ୍ଧ,୧୨।୭(ସ୍ୱ.ପ୍ର.):** ବୌଦ୍ଧ ଜିଲା ଦେଇ ପ୍ରବାହିତ ମହାନଦୀରୁ ମଙ୍ଗଳବାର ଏକ ବିରାଟ ବୁଦମାଛ ଧରା ହୋଇଛି। ବର୍ଷା ଯୋଗୁ ମହାନଦୀର ପାଣି ଗୋଳିଆ ହୋଇଛି। ଫଳରେ ମାଛଟି ତଳମୁଣ୍ଡରୁ ଉପରକୁ ଉଠି ଆସିଥିବାବେଳେ ମତ୍ସ୍ୟଜୀବୀଙ୍କ ଜାଲରେ ପଡିଯାଇଥିଲା। ମାଛର ଓଜନ ୫୫ କେଜି ଥିବା ଜଣାପଡିଛି। ମତ୍ସ୍ୟଜୀବୀଙ୍କ କହିବା ଅନୁଯାୟୀ ବର୍ଷାଦିନେ ଏହି ପ୍ରକାର ମାଛ ମହାନଦୀରେ ଅଧିକ ପରିମାଣରେ ଦେଖାଦିଅନ୍ତି। କିଛିଦିନ ତଳେ ମଧ୍ୟ ୫୦ କେଜିର ବୁଦ ମାଛ ବିକ୍ରି ପାଇଁ ବୌଦ୍ଧ ବଜାରକୁ ଆଣାଯାଇଥିଲା। ମାଛର ଦାମ ୧୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି।

### ୮୧ କିଲୋ ଗଞ୍ଜେଇ ଜବତ : ଜଣେ ଗିରଫ



ଜବତ ଗଞ୍ଜେଇ, ଗିରଫ ଅଭିଯୁକ୍ତ।

**ସୋନପୁର,୧୨।୭(ନି.ପ୍ର.):** ସୋନପୁର ଅବକାରୀ ବିଭାଗ ପକ୍ଷରୁ ତରଭା ଥାନା ଅନ୍ତର୍ଗତ ମରାଡୁଗୋଛାରେ ମଙ୍ଗଳବାର ରାତିରେ ଚଢାଉ ହୋଇଛି। ଅବକାରୀ ଟିମ୍ ଏକ ବୋଲେରୋ ତନଖି କରିବା ସମୟରେ ୮୧କିଲୋ ଗଞ୍ଜେଇ ମିଳିଛି। ବିଭାଗ ପକ୍ଷରୁ ଗଞ୍ଜେଇ ଓ ଚୋରାଚାଲାଣରେ ବ୍ୟବହୃତ ବୋଲେରୋ ନମ୍ବର ଓଆର୧୭ଏଚ-୩୮୮୨କୁ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ନଙ୍ଗଲକଟାର କିଶୋର ନାଏକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବୌଦ୍ଧ ଜିଲାରୁ ଏହି ଗଞ୍ଜେଇ ଆସୁଥିବା ଜଣାପଡିଛି। ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଇନିସପେକ୍ଟର ରାଧାକାନ୍ତ ଭୋଇ, ସବ୍ ଇନିସପେକ୍ଟର ସୁଧୀର ମିଶ୍ର, ପିଣ୍ଟୁ ସାହୁ, ପୃଥ୍ୱୀରାଜ କୁଅଁର ଓ କିର୍ତ୍ତନ ନାୟକ ଏହି ଚଢାଉରେ ସାମିଲ ଥିଲେ।

### ଚନ୍ଦ୍ରମା ଲୁହସିଂହା କୃଷି ସମବାୟ ସମିତି ଉପସଭାପତି

**ଖପ୍ରାଖୋଲ,୧୨।୭(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହସିଂହା ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପ ସଭାପତିଭାବେ ଚନ୍ଦ୍ରମା ମେହେର ଜଣେ ମାତ୍ର ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିଚିତ ହୋଇଥିଲେ। ନିର୍ବାଚନ ଅଧିକାରୀଭାବେ ନୀଳାମ୍ବର ମାଝି ଯୋଗଦେଇଥିଲେ। ସମିତି ସମ୍ପାଦକ ଶ୍ରୀପତି ଭୋଇ, ଡିଇଓ ଯଦୁମଣି ରାଣା ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# କାମରେ ଆସୁନି ବାତ୍ୟା ଆଶ୍ରୟସ୍ଥଳୀ

**ସିନାପାଲି,୧୨।୭(ଡି.ଏନ.ଏ.)**

- ନଦୀରୁ ମାତ୍ର ୩୦ ଫୁଟ ଦୂରରେ ନିର୍ମାଣ ହୋଇଛି
- ବନ୍ୟା ଜଳ ଅନାୟାସରେ ବାତ୍ୟା ଆଶ୍ରୟସ୍ଥଳୀକୁ ମାଡୁଛି



ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବୋଟୋପାଲିଠାରେ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡିଆଳ ଡିଭିଜନ ଦ୍ୱାରା ନିର୍ମିତ ଏହି ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୃକ୍ତ ବିଭାଗର ଦୂରଦୃଷ୍ଟିର ଅଭାବରୁ ଅହିଲାଟ ନଦୀ ଓ ସାହାଯ ଜୋରର ଅବବାହିକାରେ ମାତ୍ର ୩୦ ଫୁଟ ଦୂରରେ ତିଆରି ହୋଇଛି। ଫଳରେ ଏହି ଦୁଇ ନଦୀରେ ବନ୍ୟା ଜଳ ପ୍ରବାହିତ ହେଲେ ବନ୍ୟା ଜଳ ଅନାୟାସରେ ବାତ୍ୟା ଆଶ୍ରୟସ୍ଥଳୀକୁ ମାଡି ଯାଇପାରୁଛି। ଫଳରେ ବନ୍ୟାବିପନ୍ନଙ୍କୁ ଆଶ୍ରୟ ଦେବା ଉଦ୍ଦିଷ୍ଟରେ ନିର୍ମିତ ଏହି ଆଶ୍ରୟସ୍ଥଳୀ ବନ୍ୟା ବିପନ୍ନଙ୍କୁ କିପରି ଆଶ୍ରୟ ଦେବ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ମଙ୍ଗଳବାର ସିନାପାଲି ବିଡିଓ ସଦାଶିବ ନାଏକ, ତହସିଲଦାର ଲୋକନାଥ ଶବରଙ୍କ ସମେତ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଏଠାରେ ତୁରନ୍ତ ପ୍ରୋଟେକ୍ସନ ୱାଲ ନିର୍ମାଣ କରାଯିବ ବୋଲି ବିଡିଓ ନାଏକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ ଅନ୍ତର୍ଗତ ବୋଟିପାଲି ଗ୍ରାମର ଚତୁଃପାର୍ଶ୍ୱରେ ଅହିଲାଟ ନଦୀ ଓ ସାହାଯ ଜୋର ସହିତ ଉଦନ୍ତୀ ନଦୀ ପ୍ରବାହିତ ହେଉଛି। ବନ୍ୟାଜଳ ପ୍ରବାହିତ ହେଲେ ଏହି ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥାଏ। ସୋମବାରଠାରୁ ଅହିଲାଟ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ସକାଳୁ ଦୁଇ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ବନ୍ୟା ବିପଦ ଦେଖାଦେଇ ନ ଥିଲେ ମଧ୍ୟ ବର୍ଷା ଲାଗି ରହିଲେ ଏଠାରେ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏଠାରେ ଖୋଲା ଯାଇଥିବା ନଳକୂପ ଭୁଷୁଡି ଯାଇଥିବା ବେଳେ ମୋଟର ମଧ୍ୟ ଅକାମୀ ହୋଇ ପଡ଼ିଛି। ନଦୀ କୂଳରେ ନିର୍ମିତ ହୋଇଥିବାରୁ ବନ୍ୟା ଜଳ ଆଶ୍ରୟ ସ୍ଥଳୀରେ ପଶୁଛି। ତୁରନ୍ତ ଏଠାରେ ସୁରକ୍ଷା ପାଇଁ ପ୍ରୋଟେକ୍ସନ ୱାଲ ନିର୍ମାଣ ନ ହେଲେ ଏହା ବନ୍ୟାବିପନ୍ନଙ୍କ କୌଣସି କାର୍ଯ୍ୟରେ ଆସିପାରିବ ନାହିଁ।

# ରାସ୍ତାରୋକୋ ଘଟଣାରେ ୨ ଗିରଫ

**ସୋନପୁର,୧୨।୭(ନି.ପ୍ର.)**

୫୭ ନମ୍ବର ଜାତୀୟ ରାଜପଥର ତରଭା ଥାନା ବଡବାହାଲି ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି। ପୋଲିସ ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନାଙ୍କ କାର ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଅଟୋକୁ ଧକ୍କା ଦେବା ଫଳରେ ଏହି ଦୁଃଖଦ ଘଟଣା ଘଟିଛି। ତେବେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଦାବି କରି କେତେକ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ। ଆନ୍ଦୋଳନକାରୀ ଦୀର୍ଘ ୪ଘଣ୍ଟା ରାସ୍ତା ଅବରୋଧ କରିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧା ଭୋଗିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। ମାଜିଷ୍ଟ୍ରେଟ୍ ଓ ପୋଲିସ ଅଧିକାରୀଙ୍କ ବୁଝାସୁଝା ପରେ ବି ସେମାନେ ଆନ୍ଦୋଳନରୁ ହଟି ନଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଏହି ଘଟଣାରେ ପୋଲିସ ସୁବାଷ ସୁନା, ରମାକାନ୍ତ ନାଗ ଓ ଅନ୍ୟ ୧୦ ଜଣଙ୍କ ନାମରେ ଏକ ମାମଲା (୧୧୦/୨୨) ରୁଜୁ କରିଛି। ସୁବାଷ ଓ ରମାକାନ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି।

# ଶ୍ରୀଅରବିନ୍ଦ ଅତିମାନସ ଚେତନା ଜାଗରଣ ଯାତ୍ରାକୁ ସ୍ୱାଗତ



ଅତିମାନସ ଚେତନା ରଥ।

**ପାଇକମାଳ,୧୨।୭(ଡି.ଏନ.ଏ.)**

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ବାର୍ଷିକୀ ସମାରୋହରେ ସମଗ୍ର ଓଡିଶା ପରିକ୍ରମା କରୁଥିବା ଅତିମାନସ ଚେତନା ରଥକୁ ବରଗଡ଼ ଜିଲା ପାଇକମାଳରେ ମଙ୍ଗଳବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରଥଟି ପାଇକମାଳରେ ପହଞ୍ଚିବା ପରେ ବନ୍ଦେ ମାତରମ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଛାତ୍ରୀଛାତ୍ର, ଶିକ୍ଷା ବିଭାଗ ଅଧିକାରୀ, ଜନସାଧାରଣ ଉପସ୍ଥିତ ରହି ରଥକୁ ସ୍ୱାଗତ କରିଥିଲେ। ସଭିଏଁ ପୁଷ୍ପ ପ୍ରଦାନ ପୂର୍ବକ ଆଶିଷ କାମନା କରିଥିଲେ। ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଗଣ ଦର୍ଶନ କରିଥିଲେ।

# ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲରେ ବନ ମହୋତ୍ସବ

**ସୋନପୁର,୧୨।୭(ନି.ପ୍ର.)**

ସୋନପୁର ଧୋବାମୁଣ୍ଡା ସ୍ଥିତ ସୁକାନ୍ତି ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ବନ ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର, ସ୍କୁଲର ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଲଗାଇଥିଲେ। ସୋନପୁର ବନପାଳ ଦେବରାଜ ଛତ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷର ଉପକାରିତା ଓ ସୁବଜ ବଳୟ ସୃଷ୍ଟିର ଆବଶ୍ୟକତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସ୍କୁଲର ସମ୍ପାଦିକା କମଳିନୀ ତ୍ରିପାଠୀ ଓ ସନ୍ତୋଷ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୋଟ ୭୦୦ଟି ଚାରାରୋପଣ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ପରିବେଶ ସମ୍ପର୍କରେ ସଚେତନ କରା ଯାଇଥିଲା। ରମେଶ ମିଶ୍ର, କୁନା ପଣ୍ଡା ଓ ରିଙ୍କୁ ପୁଟେଲ ସହଯୋଗ କରିଥିଲେ।



ସ୍କୁଲ ପରିସରରେ ଚାରାରୋପଣ କରାଯାଉଛି।

## ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୨।୭**

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଫିସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼ ବ୍ଲକର ସମସ୍ତ ପଞ୍ଚାୟତରେ ବ୍ୟାପକ ଭାବେ ବିକାଶମୂଳକ କାମ କରାଯିବା ନେଇ ସେ ସୂଚନା ଦେବା ସହିତ ଏଥିପାଇଁ ସରପଞ୍ଚମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ୨୭ଜଣ ସରପଞ୍ଚଙ୍କ ସମେତ ୱାର୍ଡ଼ସଭ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ବୈଠକରେ ସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯିବ ବୋଲି ଗୋବିନ୍ଦପୁର ସରପଞ୍ଚ ନାଏକ ସୂଚନା ପ୍ରଦାନ କରିଥିଲେ।

## ଲାଞ୍ଚ ନେଇ ଆଇସିଡିଏସ୍ ସୁପରଭାଇଜର ଗିରଫ

**ଲୋଇସିଂହା,୧୨।୭(ଡି.ଏନ.ଏ):** ଆଗଲପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ କେତେକ ଅଙ୍ଗନୱାଡି କର୍ମୀଙ୍କଠାରୁ ୧୯ହଜାର ୮ଶହ ଟଙ୍କା ଲାଞ୍ଚ ନେଇ ଜଣେ ସୁପରଭାଇଜର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ଭରସୁଜା ଓ ରୋତ ସେକ୍ଟର ଦାୟିତ୍ୱରେ ଥିବା କୁନି ନାଏକ। ୬ ଜଣ ଅଙ୍ଗନୱାଡି କର୍ମୀଙ୍କ କଣ୍ଟିଜେନ୍ସି ଓ ଅନ୍ୟାନ୍ୟ ପାଣ୍ଠି ଟଙ୍କା ରିଲିଜ ପାଇଁ ସୁପରଭାଇଜର ନାଏକଙ୍କୁ କହି ଆସୁଥିଲେ। ଏଥିପାଇଁ କର୍ମୀଙ୍କୁ ଲାଞ୍ଚ ମାଗିଥିଲେ। କର୍ମୀମାନେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସୁପରଭାଇଜ ନଏକ ପାଣ୍ଡେସରା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସମ୍ପୃକ୍ତ କର୍ମୀମାନେ ନାଏକଙ୍କୁ ଉକ୍ତ କେନ୍ଦ୍ରରେ ଲାଞ୍ଚ ଟଙ୍କା ଦେବା ସମୟରେ ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲେ।

# ଧୋଇଗଲା ଆପ୍ରୋଚ୍ ରୋଡ୍

## ଜୁନାଗଡ-ଧର୍ମଗଡ ଯୋଗାଯୋଗ ବିଚ୍ଛିନ୍ନ

**ଜୁନାଗଡ,୧୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ-ଧର୍ମଗଡ ମୁଖ୍ୟ ରାସ୍ତାର ବଣ୍ଡାକୁତ୍ରା ନିକଟରେ ଥିବା ହାଲେର ଜୋରରେ ମଙ୍ଗଳବାର ମଧ୍ୟାହ୍ନରୁ ବଢି ପାଣି ପ୍ରବାହିତ ହୋଇଛି। ତେବେ ସେଠାରେ ଚାଲିଥିବା ନୂତନ ପୋଲ କାମ ଅଧାପନ୍ତିରିଆ ଅବସ୍ଥାରେ ରହିଥିବାରୁ ନିକଟରେ କରାଯାଇଥିବା ଆପ୍ରୋଚ ରାସ୍ତା ପୋଲ ବଢି ପାଣି ଧୋଇ ନେଇଛି। ଫଳରେ ଜୁନାଗଡ-ଧର୍ମଗଡ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହ ରାସ୍ତା ୧୩୦ସି ଜାତୀୟ ରାଜପଥ ହୋଇଥିବାରୁ ଏହା ଛତିଶଗଡ ରାଜ୍ୟ ଦେଭୋଗକୁ ସଂଯୋଗ କରୁଛି। ବର୍ତ୍ତମାନ ମୁଖ୍ୟ ରାସ୍ତା ଧୋଇ ନେଇଥିବାରୁ ଧର୍ମଗଡ ଓ ଜୁନାଗଡ ବ୍ଲକର ଲୋକେ ଝାରକୁଣ୍ଡାମାଲ ବୁଲାଣି ରାସ୍ତା ଦେଇ ଯାତାୟାତ କରୁଛନ୍ତି।



ହାଲେର ଜୋରର ଆପ୍ରୋଚ ରାସ୍ତା ଧୋଇ ନେଇଛି।

# ବିଜୁ ଏକ୍ସପ୍ରେସ୍ ୱେ ମାଟି ଧସିଲା

**କୋକସରା,୧୨।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଶେଷ ସୀମା ଆମପାଣିଠାରୁ ବିଜୁ ଏକ୍ସପ୍ରେସ ୱେ ଆରମ୍ଭ ହୋଇ ନୂଆପଡା ଜିଲାକୁ ସଂଯୋଗ କରୁଛି। ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟ ହେଉଥିବା ବେଳେ ପୂର୍ବରୁ ନିର୍ମାଣ ହୋଇଥିବା ଦୁଇ ଲାଇନ ବିଶିଷ୍ଟ ରାସ୍ତା କୋକସରା ବ୍ଲକ ଭୁର୍ଷାଗୁଡା ଘଣ୍ଟିଗୁଡା ମଝିରେ ରହିଥିବା ବେହେରା ନଦୀ ପୋଲ କଲଭର୍ଟ ଚଳିତ ବର୍ଷର ପ୍ରଥମ ବର୍ଷା ବନ୍ୟାରେ ମାଟି ଧୋଇଯାଇଛି। ଫଳରେ ରାସ୍ତା ଉପରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଖବର ପାଇ ପୂର୍ତ୍ତ ବିଭାଗୀୟ ଅଧିକାରୀ ପହଞ୍ଚି ରାସ୍ତା ସିଲ କରିବା ସହ ମରାମତି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ବିଭାଗୀୟ ଇଂଜିନିୟରଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିବା ରାସ୍ତା ନିମ୍ନମାନର କାମ ଯୋଗୁ ବର୍ଷା ପାଣିରେ ଧୋଇ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଘଟଣାସ୍ଥଳରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଉପସ୍ଥିତ ରହି ମରାମତି କାର୍ଯ୍ୟ ତଦାରଖ କରୁଥିବା ଜଣାପଡିଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ନବ ବେହେରାଙ୍କ ପ୍ରତିକ୍ରିୟା ନେବାରୁ ବେହେରା ନଦୀରେ ପ୍ରବଳ ମାତ୍ରାରେ ବର୍ଷା ପାଣି ପ୍ରବାହିତ ହେବାରୁ ମାଟି ଧୋଇ ରାସ୍ତା ଗୋଟିଏ କଡ଼ରେ ଗର୍ତ୍ତ ହୋଇଛି। ମରାମତି ଚାଲିଛି, ସକାଳ ସୁଦ୍ଧା ଯାତାୟାତ ସ୍ୱାଭାବିକ ହେବ ବୋଲି କହିଛନ୍ତି।

### ନିମ୍ନମାନର କାର୍ଯ୍ୟ ଅଭିଯୋଗ



ବେହେରା ନଦୀ ପୋଲ ରାସ୍ତା କଡରେ ଗର୍ତ୍ତ ହୋଇଛି।